ଚାଟଶାଳୀ ବୋଲି

ଶ୍ରୀ ଦାଶରଥି ଦାସଙ୍କ ଦ୍ୱାରା

ଦ୍ୱିତୀୟ ଥର ପ୍ରକାଶିତ

କେମା ବୋଲି, ଝଠଅନଳା ବୋଲି, ଶନିଭେନେ ବୋଲି,
ଶୃଗାଳ ବୋଲି, ବାନର ବୋଲି, ବାଘ ବୋଲି,
ଘୁମୁଜଣାଣି ବୋଲି, ସଂସାରବୋଧ
ବୋଲି, ପର୍କିଣ ବୋଲି, ଷଂସହଂସୁଲୀ
ବୋଲି, ବୈଦେହୀ ଝିଅ
ବୋଲି, ନବାଙ୍କ
ଚଉଠ ବୋଲି ।

-: ପ୍ରାପ୍ତିସ୍ଥାନ :-
ଦାଶରଥି ପୁସ୍ତକାଳୟ
ବାଲୁବଜାର କଟକ
ପୋ: ଚାନ୍ଦନୀଚୌକ

Digitized by srujanika@gmail.com

ଚାଟଶାଳୀ ବୋଲି

ଜେମା ବୋଲି

ଶୁଣ ହେ ସୁଜନ ଜନ । ଅପୂର୍ବ ବାର୍ଥ କଥନ ॥
ଜେମା ଯିବେ ଶାଶୁଘର । ନେବେ ସମ୍ଭାର ଯେ ॥
ଜେମା ବୋଲନ୍ତି ଗୋ ମାତ । ପାଳିଛ ମୋତେ ବହୁତ ॥
ଏବେ ଦରଥରେ ନେଇ । ଦେଲ ବସାଇ ଗୋ ॥
କି ସ୍ନେହରେ ପାଳିଥିଲ । ଏବେ ଦୂର କରି ଦେଲ ॥
କେମନ୍ତେ ପାରିବ ଧନ । ମୋ କର୍ମ ହୀନ ଯେ ॥
ଝିଅକୁ ଧରିଣ କୋଳେ । ଜନନୀ ରୋଦନ କରେ ॥
ଦୁଲଣୀ ମୋ ହର ଭୁହ । ମୂର୍ଚ୍ଛିବ କାହିଁ ଲୋ ॥
ଖାଇ ଅଣ୍ଟାଇ ନ ଜାଣୁ । କହିଲେ ରୁଷ୍ଟ ତୁ ହେଣୁ ॥
ପଦେ ଦେଇ ନାହିଁ ଗାଳି । ମୋ ଧନ ମାଳି ଲୋ ॥
ସହୁ ସଙ୍ଗାତ ମାନଙ୍କୁ । ତ କି ଅଣିମା ଘରକୁ ॥
ତାହାଙ୍କ ସଙ୍ଗେ ଖେଳିବୁ । ଥରେ ଖାଇବୁ ଲୋ ॥
ଜନ୍ମ ଦେଲେ ପିତା ମାତା । ଯାହା ଲେଖିଛି ବିଧାତା ॥
ତାହା କେ କରିବ ଆନ । ମୋ ଗଣ୍ଠି ଧନ ଲୋ ॥
ମାତା ପାଶୁ ଜେମା ଗଲେ । ପିତା ପାଶରେ ମିଳିଲେ ॥
ବାପାଙ୍କ ହସ୍ତ ଧରିଣ । କଲେ କାରୁଣୀ ହେ ॥
ବାପା ହେ କାରଣ ମୋତେ । ଚରିବ ନାହିଁଟି ଶତେ ॥
କି ବୁଦ୍ଧି କରିବ ମୁହିଁ । ବଞ୍ଚିବ କାହିଁ ହେ ॥
ବାପା ବୋଲନ୍ତି ଗୋ ଝିଅ । ଅଜ ତୁ ବିକଳ ନୁହଁ ॥
ଦେଇ ଘର ବର ଦେଖି । ନୁହ ତୁ ଦୁଃଖୀ ଲୋ ॥

Digitized by srujanika@gmail.com

ଭାଇଙ୍କ ଦେବ ପଠାଇ । ସଂଖୋଳି ଅସିବ ଯ ଠିଁ ॥
ଏଥକୁ କିପାଇଁ ଭଳି । ମୋ ଧନ ମାଳ ଲୋ ।
ଖୁଡ଼ୁଡା ମୁଖକୁ ଚାହିଁ । କେମା ଶୋକଭରେ କହି ॥
ଦାଦା ହେ ନିସ୍ୱଣ ଭଳ । ମୋତେ ଘୃଣିଲ ହେ ॥
ସହଜେ ବାଳୁତ ମୁହିଁ । ବୁଦ୍ଧି ବାଟ ଦିଶୁନାହିଁ ।
ନ ଜାଣଇଁ ଭଲ ମନ୍ଦ । ମୋ କର୍ମ ମନ୍ଦ ହେ ।
ଦ ଦା ପାଶୁ କେମା ଗଲେ । ଖୁଡ଼ି ପାଶରେ ମିଳିଲେ ।
କିଅବ ଖୁଡ଼ିର କୋଳ । ଅତ ବ୍ୟାକଳ ହେ ॥
କିଅବ ମୋହର ଭୁକ । କେମନ୍ତେ ମୁଞ୍ଛିବି ମୁହିଁ ।
କାହାକୁ ସଙ୍ଗେଘେନିବ । ଖେଳ ଖେଳିବ ଗୋ ॥
କାହା ମୁଣ୍ଡ ବାନ୍ଧ ଦେବ । ସଙ୍ଗତେ ଗାଧୋଇ ନେବ ।
କାହାକୁ ସଙ୍ଗେ ଘେନିବ । ଖାଇ ବସିବ ଗୋ ॥
ମଜଳାଣୀକି ଅନାଇଁ । କେ ମା ଶୋକଭରେ କହି ॥
ଭଲ ଦ୍ରବ୍ୟଯ.କ ଯେତେ । କେଦେବ ମୋତେ ଗୋ ।
ତୁମ୍ଭ[illegible]ଜୁ ଅଜଡ । ଦେଖିବ ନାହିଁ ମୁହିଁ ତ ।
ନିଅଣ୍ଟୀ ହୋଇ ରହିବ । ଏହା ସହିବ ଗୋ ।
କେମାକୁ କହଇ ମାଇଁ । ବାପା ଖୁଡ଼ୁଡା ଅଛଇ ।
ନିଅଣ୍ଟୀ ହୋଇବୁ ନାହିଁ । ଯିବେଟି ଭାଇ ଗୋ ।
ସେଠାରେ ମିଳିବଲି ଅପା । ବୋଲେ ଏଡ଼େ ଶୋକ କ୍ଷମା ।
କେମା ହୋଇବ ଡାଟକା । ନଉର ଉଳା ଗୋ ।
ତହୁଁ କେମା ଚଳି ଗଲେ । ନନାଙ୍କ ପାଶେ ମିଳିଲେ ।
ନନା ନନା ବୋଲି ଶୋକ । କଲେ ଅନେକ ହେ ॥
ନନା ହେ ନିସ୍ୱଣ ଭଲ । ଦୁର ଦେଶେ ନିବେଶିଲ ।
କାହାକୁ କେମା ବୋଲିବ । କିଏ ଅସିବ ହେ ।
ଢାଳ ଦାନ୍ତକାଠି ପାଣି । ମଥା ଦହୁ ଦେବ ଅଣି ॥

Digitized by srujanika@gmail.com

ନୋଲିବ ଗାମୁଛା ନିଅ । ସ୍ନାନକୁ ଯାଅ ହେ ॥
ଯହୁଁ ଯିବ ସେ ସ୍ନାନକୁ । ଅନାଇ ଥିବ ବାଟକୁ ॥
ତିଳକ ସାମଗ୍ରୀ ପେଡ଼ି । ଥିବ ସଜାଡ଼ି ହେ ।
ସୁବର୍ଣ୍ଣ ଥାଳରେ ଅନ୍ନ । ଆଣି ଦେବି ମୁଁ ବଢନ ।
ବଢ଼ିଅ କାହାକୁ ଦେବ । ପାଶେ ବସିବ ହେ ।
ଶୁଣି ଝେମାର ବଚନ । ଭାଇ ବୋଲନ୍ତି ନ ଭାଳ ।
ମାସକୁ ମାସ ମୁଁ ଯିବ । ହଙ୍ଗୁତୁ ଥିବ ଲୋ ।
ବାପାଙ୍କ ଅଗରେ କହୁ । ଘେନି ଆସିବି ମୁଁ ଯାଇଁ ।
ନ ଧର ଚିନ୍ତା ମନରେ । ଯିବି ସଙ୍ଗରେ ଲୋ ।
ତହୁଁ ଜେମା ଗଲେ ଚଳି । ବୋହୂଙ୍କ ପାଶରେ ମିଳି ।
ବୋହୂ ନଣନ୍ଦଙ୍କୁ ଧର । ବେଦନ କର ଯେ ।
ଯେତେ ଅଳି କଲେ ମୋତେ । ଶରଧା ଲଗାଇ ଚିତ୍ତେ ॥
ଗଛା ଭୂଜା ଥୋଇ ଥୋଇ । ନ ଖାଇ ମୁହିଁ ଗୋ ।
କୋଳେ ବସାଇ ଖୁଆଇ । ତହୁଁ ପଚଛ ଭାତ ଖାଇ ।
କଣ୍ଢେଇ କେ ମାଗି ନେବ । ଖେଳ ଖେଳିବ ଗୋ ।
ପିଟି କରି ଯିବ ମୋତେ । ଅଜ୍ଞ କା ଦେଖିବ ନେତେ ।
ଗୁଣବନ୍ତୀ ମୋ ନଣନ୍ଦ । ନ ଜାଣେ ଛନ୍ଦ ଲୋ ।
ନଣନ୍ଦ ହସ୍ତ ଧରଣ । ବୋହୂ କହେ ଉଅରଣ ।
ଜଦଣ୍ତ୍ରି କେବେ ନୋହିବ । ଧୀରବେ ଥିବ ଗୋ ।
ତୁମ୍ଭ ଶାଶୁ ଶ୍ୱଶୁରଙ୍କୁ । ସେବା କରୁଥିବ ତାଙ୍କୁ ।
ଗୃହୁ ପ୍ରାପ୍ୟ ଥିବ ମଣି । ନୋହିଲେ ହାନି ଗୋ ।
ଶ୍ୱଶୁର ପ୍ରଭୁର ଯେବେ । ଅନ କରଣ ମାରିବେ ।
ତାଙ୍କ ମନ ଜାଣି ଦେବ । ଟଳି ନ ହେବ ଗୋ ।
ନଣନ୍ଦଙ୍କ ସଙ୍ଗେ ବାଦ । ନ କରିବ ଛେଦ ଭେଦ ।
ବଡ଼ଯାଙ୍କୁ କଲେ ମୋର । କରିବ [illegible] ଗୋ ।

Digitized by srujanika@gmail.com

ଦେଢ଼ଶୁରଙ୍କ ସମ୍ମୁଖରେ | ରହିଥିବ ଓଢ଼ଣରେ |
ଯାଉ ଘୁଞ୍ଚରେ ରହିବ | ତୁଣ୍ଡ ନ ଦେବ ଗୋ ||
ଗୁରୁଜନଙ୍କ ପ୍ରତି ପ୍ରୀତି | ପାଳିଥିବ ଯଥାଯୁକ୍ତ |
ଅପଯଶ ନ ପାଇବ | ତୁଲ୍ୟ ହେବ ଗୋ ||
ସାଇ ପଡ଼ଶା ମାନଙ୍କୁ | କଥା ନ କହିବ ତାଙ୍କୁ |
ସତ ମିଛ ଯେବେ କହି | କଳି ଲାଗଇ ଗୋ ||
ଏହି କଥାକୁ ବିଚାରି | ରହିଥିବ ହେତୁ ଧରି |
ନୁହଇ ଆପଣା ଘର | ପର ମନ୍ଦିର ଗୋ ||
ଏତେ କହି ବୋହୂ ଥିବ | ଓଠ ଧରି ନଣନ୍ଦର |
ବୋଇଲା ଭାଳିବ ନାହିଁ | କହୁଛି ମୁହିଁ ଗୋ ||
ଖେଳ ବାର ସଙ୍ଗ ମାନେ | ଦେଖି ଅଇଲେ ଦହନେ |
ତାଙ୍କର ଦେଖି ବିକଳ | ଜେମା ଅକୁଳ ହେ |
କେ ବୋଲେ ଅଗୋ ସଙ୍ଗାତ | କେ ବୋଲଇ ଅଗୋ ମିତ |
ଛାଡ଼ି ଯାଉଛ ଅମ୍ଭଙ୍କୁ | ଦୂର ଦେଶକୁ ଗୋ ||
[illegible] ସଙ୍ଗାତକୁ ଗୁହି | ଛାଡ଼ି ଯାଉଅଛୁ ମୁହିଁ |
ପକାଉ ଥିବ ମନରେ | ପ୍ରତି ଦିନରେ ଗୋ ||
ମିତକୁ ଅନାଇଁ କହୁ | ମୋତେ ପାସୋରିବ ନାହିଁ |
ବଉଳ ଅଶୋକା ଗଛ | ଯାଉଛୁ ଛାଡ଼ି ଗୋ |
ଖେଳ କଉତୁକ ମାନ | ଆଜଠାରୁ ହେବ ଶୂନ୍ୟ |
ଦଇବ ଏହା ପାଞ୍ଚିଲା | ଛଡ଼ାଇ ଦେଲା ଗୋ |
ସତେ କି ତୁମ୍ଭ ଅମ୍ଭରେ | ଦେଖା ଦେଖି ହେବା ଥରେ |
ମନରେ ପରତେ ନାହିଁ | କି କଲା ବିହି ଗୋ ||
ମିତ ବୋଲେ ଶୁଣ ଯେ ଅ | ଆନନ୍ଦରେ ଦିନ ଯାଅ |
ତୁମ୍ଭ ପରି ଅମ୍ଭେ ଯିବୁ | ଏଥି କି ଥିବୁ ଗୋ ||
ଏମନ୍ତେ ଜଣ ଜଣଙ୍କୁ | ଜେମା କହେ ସମସ୍ତଙ୍କୁ |

Digitized by srujanika@gmail.com

ବାଜିଲା ଶଙ୍ଖ ମହୁରୀ । ପଡ଼ିଲା ହୁରି ଗୋ ।
ଝିଅ ନେବାର ସମ୍ଭାର । ବାହାର କଲେ ସତ୍ୱର ।
ପେଡ଼ି ଆଉ ଖଟମାନ । କଲେ ଯତନେ ଯେ ।
ସର୍ବେ ହୁଳହୁଳି ଦେଲେ । କେମାକୁ ବାହାର କଲେ ।
ମିଠା ସଙ୍ଗାତ ସହିତେ । ରହି ସଙ୍ଗତେ ଯେ ।
ଲୀଳା ବତୀଙ୍କି ଯେ ନେଲେ । ସବାରିରେ ବସାଇଲେ ॥
ନାନା ବାଦ୍ୟ ବଜାଇଲେ । ସର୍ବେ ଚଳିଲେ ହେ ।
ବନ୍ଧୁ ବାନ୍ଧବ ଯଥାର । ଅଛନ୍ତି ଯେ ସଙ୍ଗତର ।
ରାଜ ପ୍ରହରେକ ଯାଇଁ । ମିଳିଲେ ତହିଁ ଯେ ॥
ସବାରି ଦ୍ୱାରେ ଥୋଇଲେ । ଲୁଗା ବାଡ଼ ବେଢ଼ାଇଲେ ।
ଧରି ଲୀଳାବତୀ କର । କଲେ ବାହାର ହେ ।
ସାତ ପାଞ୍ଚ ନାରୀ ମିଳି । ସର୍ବେ ଦେଲେ ହୁଳହୁଳି ।
ଅନ୍ନ ନିଜସ୍ଥଳି ଦେଲେ । ଘରକୁ ନେଲେ ହେ ।
ତଆ ଗୁଡ଼ଜଳ ଅଞ୍ଜଳି । ଶ୍ରୀ ଫଳ ଧରଣି ବାଳୀ ପୂର୍ଣ ।
ଐଶାନ୍ୟରେ ଦେଲେ ନେଇ । ଫେଳଟି ହୋଇ ହେ ।
ଗୁରୁଜନ ମାନଙ୍କୁ ସେ । ଫେଳଗର ମନ ତୋଷେ ।
କଲ୍ୟାଣ ସମସ୍ତେ କଲେ । ହରଷ ହେଲେ ହେ ।
କେମା ନେବାର ସମ୍ଭାର । ଗୁହାଇ ନେଲେ ସେ ଘର ।
ତରଣୁ ବନ୍ଧୁ ବର୍ଗର । କଲେ ସୁନ୍ଦର ହେ ॥
ଭୁଞ୍ଜି ସର୍ବେ ସୁସ୍ଥ ହେଲେ । ସୁଖେ ନିଶି ପ୍ରହାଇଲେ ।
ମେଳଣି ଯତ୍ନେ ପାଇଲେ । ସର୍ବେ ଚଳିଲେ ହେ ।
ଲୀଳାବତୀ ଶାଶୁଘରେ । ରହିଲା ସୁଖ ଶୁଭରେ ।
ଧନ ପୁତ୍ର ବତୀ ହେଲା । ଧନ ହରିଲା ହେ ॥
ଲୀଳାବତୀର ଚରିତ । କେମା ବୋଲି ନାମେ ଗୀତ ॥
ବାଳିକାମାନେ ପଢ଼ିବ । ହେତୁ କରିବ ହେ ।

Digitized by srujanika@gmail.com

ଅଠର ନଳା ବୋଲି

ଢେ ବୋଲଇ ଅଳେ ସହୁ ଲୋ । ଅଠର ନଳାଟି ଏଥୁ ଲୋ । ଏହୁଠାରେ ଥାଇ ଦଣ୍ଡବତ ହୋଇ ଗୃହ ଯିବା ରହୁ ବହୁ ଗୋ । ୧ । ଢେ ବୋଲଇ ଶିଖିମୁଖ ଗୋ । ନବରଙ୍ଗ ପୋଖରୀ ଦେଖ ଗୋ । ଏହୁ ପୋଖରୀରେ ଗୃପ ଖେଳାଖେଳି ଗୁଲୁଥାନ୍ତି ଗୃହପାଖ ଗୋ । ୨ । ଢେ ବୋଲଇ ମାର୍କଣ୍ଡ ରେ । ଏତ ପର ବଡ଼ ଦାଣ୍ଡ ରେ । ଲୋକ ଗହଳରେ ଭିଡରେ ପଡୁରୁ ନୋହୁଗୁଟି ପେଲ ଷଣ୍ଢରେ । ୩ । ଢେ ବୋଲଇ ଅରେ ନନା ରେ । ଏଣିକ ଟିକ୍ଏ ଅନା ରେ । ତାଳଧ୍ୱଜ ରଥେ ପୁଅକୁ ବସ ଅ ଗୁଆ ଖେଉ ଢେଢେ କନା ରେ । ୪ । ଢେ ବୋଲଇ ଅଲେ ମାଇଁ ଲୋ । ରଥ ଚଳୁଛି କ ନାହିଁ ଲୋ । ଯିବା ଅସିବାକୁ ଗହଳେ କସତ ଲୁଚି ଛାଳେ ବଳ ନାହିଁ ଲୋ । ଢେ ବୋଲଇ ଅଲେ ଝୁଡ଼ି-ଲୋ । ବାଡ଼ିଅ ପଡଲେ ମାଡ଼ ଲୋ । କେଉଁଠାରେ ନେଇ [illegible] ରଖିବା ସାଙ୍ଗ ଲୋକେ ଗଲେ ଘୁଞ୍ଚ ଲୋ । ୬ । ଢେ ବୋଲଇ ଅଲେ ତରି ଲୋ । ମୁହଁକୁ ପଡୁଛି ଖରା ଲୋ । ବାଇଶି ପାହାଚେ ଯାଇଣ କିଣିବା ପୋଡ଼ ପିଠା ଦୁଇସର ଲୋ । ଢେ ବୋଲଇ ଅହେ ନନା ହେ । ଛେନାଖଣ୍ଡି ଢେଢେ କଣା ହେ । କେଉଁଠାରେ ଯଇ ଗୁଡ଼ଅପସର ଧାଇଁ ଯଇଁ ବେଗେ କନା ହେ । ୮ । ଢେ ବୋଲଇ ଅଲୋ ମଣି ଲୋ । ପିଇବୁ କ ଅଉ ପାଣି ଲୋ । ଉଳଳ ଦର୍ପଣ ଏମାନ କିଣିବା ଜନ୍ଦ-ମାଇଲକୁ ମୁଣି ଲୋ । ୯ । ଢେ ବୋଲଇ ସାନବୋହୂ ଲୋ କେତେ ଭଟ ଭଟ ହେଉ ଲୋ । ବାଜେଣି ଭୁଣ୍ଡକୁ ବଜାଇ ଦେଉଛୁ ଦେଉଳର ଥାଉ ଥାଉ ଲୋ । ୧୦ । ଢେ ବୋଲଇ ଅଲେ ସର ଲୋ । ବଡ଼ ଦାଣ୍ଡେ ଭର ଘର ଲୋ । ଗୁଣ୍ଡିଚା ବାହୁଡ଼ା ଲେଉଟାଣି ବେଳେ ବସାକୁ ନ ଥିବ ଡର ଲୋ । ୧୧ । ଢେ

Digitized by srujanika@gmail.com

ବୋଲଇ ଅଲୋ ପାଟ ଲୋ । ଏହୁ ବଢ଼ପୁର ଘାଟ ଲୋ ।
ଭେମନ୍ତ ଭରଣ ଜଗନ୍ନାଥେ ତନବେ ଦଶ୍ନାହୁଁ ଗୁଢ଼ି ବାଟ ଲୋ ।
ଭେ ବୋଲଇ ଅଲୋ ଭଡା ଲୋ । ଭଡ଼ାଇ ନେଉଛି ଏଡା ଲୋ ।
ଭେଉଁଠାରେ ନେଇ ପିଲଙ୍କୁ ରଖିବା ଏହୁ କଥା ବଡ଼ ଦଡା
ଲୋ । ଭେ ବୋଲଇ ଅଲୋ ମାଇଁ ଲୋ । ଗୁଣ୍ଡି ପିବା ବହୁ ରହୁ
ଲୋ । ତାଳଧ୍ୱଜ ରଥେ ବଡ଼ ଠାକୁରଙ୍କୁ ଦର୍ଶନ କରିବା ଯାଇ
ଲୋ । ୧୪ । ଭେ ବୋଲଇ ଅଲୋ ଦେଖ ଲୋ । ବଡ଼ ଠାକୁରଙ୍କ
ମୁଖ ଲୋ । ଧବଳ ଶ୍ରୀମୁଖ ଭେମନ୍ତ ସୁନ୍ଦର ଦେଖିବାକୁ ବଡ଼
ସୁଖ ଲୋ । ୧୫ । ଭେ ବୋଲଇ ଅଲୋ ତସ୍ୱ ଲୋ । ଭେତେ
ଦେଉ ଅଛୁ ତୋଷ୍ୱ ଲୋ । ଅଖି ପୂରଇ ଶ୍ରୀମୁଖ ଦେଖୁଥିବା
ପଛେ ଅବା ପାଇଣସ୍ୱ ଲୋ । ୧୬ । ଭେ ବୋଲଇ ଅଲୋ
ଜାଅ ଲୋ । ଅଗକୁ ଅଉ ନ ଯାଅ ଲୋ । ଶୋଷରେ ମୋହର
ପରାଣ ଯାଉଛୁ ଅଭଡ଼ା ତୋରାଣି ଦଅ ଲୋ । ୧୭ । ଭେ
ବୋଲଇ ଅଲୋ ମଣି ଲୋ । ଭେମନ୍ତେ ଗୁଣ୍ଡିରୁ ପୁଣି ଲୋ ।
ବାଟ ପହୁଣ୍ଡେ ରୁ ଗୁଣ୍ଡିଲେ ଟଣ୍ଡରୁ ଲେଉଟି ପଡରୁ ପୁଣ
ଲୋ । ୧୮ । ଭେ ବୋଲଇ ଅଲୋ ହାଡ଼ ଲୋ । ବାଡ଼ଅ
ପଡଲା ମାଡ଼ ଲୋ । ଭେତେବେଳେ ବଡ଼ ଠାକୁର ଗୁଣ୍ଡିବେ
ଦେଖିବା ନ ପିବା ଘଣ୍ଡ ଲୋ । ଭେ ବୋଲଇ ଅଲୋ ଢ଼ଅ
ଲୋ । ଗୁଅପେଡ଼ ଭେତେ ଜାଅ ଲୋ । ତାଳଧ୍ୱଜ ରଥେ ପୁବକୁ
ରଖିବା ବ୍ରାହ୍ମଣ ହସ୍ତରେ ଦଅ ଲୋ । ୨୦ । ଭେ ବୋଲଇ
ଅଗୋ ଅଣ ଗୋ । ଅମ୍ଭଙ୍କୁ ତୁମ୍ଭେ ନ ଯାଣ ଗୋ । ବଡ଼ ଠାକୁରଙ୍କ
ତାଳଧ୍ୱଜ ରଥେ ଅମ୍ଭ ବଡ଼ପଣ୍ଡା ପଣ ଗୋ । ୨୧ । ଭେ
ବୋଲଇ ଅରେ ବାମରେ । ଦେଖ ତାଳଧ୍ୱଜ ଭାମରେ । ଚଉଦ
ଚକରେ ଭେତେ ଉଡ଼ା ଉଡ଼ୁ ଭେତେ ଦୂରଯାଏ ଲମ୍ବ ରେ ॥
ଭେ ବୋଲଇ ଅବର ନାଥ ରେ । ଏଥର ଚଳାଇ ରଥ ରେ ।

Digitized by srujanika@gmail.com

ରଥ ପଛେ ଯାଉଁ ଛୁଡ଼ା ହୋଇଥିବା ଅମ୍ଭେ ତ ଟାଣିବା ରଥ ରେ ॥
ସେ ବୋଲଇ ଅଲୋ ଛୁଲ ଲୋ । ଦେବୀ ରଥଠାରୁ ଗୃହି ଲେ
ବେଳ ଥ ଜୁଁ ଥାଉଁ ଛାମା ବଢ଼ାଇବା ଏ କଥା ହୋଇବ ଭଲ
ଲେ ॥ ସେ ବୋଲଇ ଅରେ ଦାଦ ରେ । ଜଣେ କେତେ ଗଲେ
ଲୁଦରେ । ଅମ୍ଭେମାନେ କେବେ ଭଡ଼କୁ ନ ଯିବା ନ ହୋଇବା
ସନ୍ଧ ସନ୍ଧ ରେ ॥ ସେ ବୋଲଇ ଅଲୋ ବାଳ ଲୋ ।
ହଜିଲା ମୋ ଛଣ୍ଟିମଳ ଲୋ । ଗୁଣ୍ଡିଚା ଯାଇକୁ ନାହିଁ
ଭରୁଥିଲେ ଶ ଶୁ ଦେଇଥିଲେ ଗାଳି ଲୋ । ୨୬ । ସେ ବୋଲଇ
ଅଦେ ହଡ଼ୁ ହେ । ଅମ୍ଭର କପାଳ ପୋଡ଼ୁ ହେ । ଗହଳି
ଭିତରେ ପଡ଼ି ଯାଇଥିଲୁ ପୁଅ ହାତେ ନାହିଁ ଝଡ଼ୁ ହେ । ୨୭ ।
ସେ ବୋଲଇ ଅଲେ ପଦ ଲୋ । ଗୋଡ଼ରୁ ହଜିଲା ମୁଦ ଲୋ ।
ନଈଁ ନଡ଼ିଭର ମୁଦ ଖୋଜୁ ୨ ଜଣେ କେତେ ଗଲେ ଲୁଦ ଲୋ ।
ସେ ବୋଲଇ ଅଗୋ ଦେଖ ଗୋ । ଶ୍ରୀ ଜଗନ୍ନାଥଙ୍କ ମୁଖ ଦେ।
ଘୋଷରଥ କେମନ୍ତେ ମଣ୍ଡିଣି କଇଛନ୍ତି ଗୃହପାଖ ଗୋ ॥
ସେ ବୋଲଇ ଅରେ ଲୀଳାରେ । ଶ୍ରୀ ମୁଖର ଢଳାଢ଼ଳା ରେ ।
ନନ୍ଦିଘୋଷ ରଥେ ନାଟେ ଯେ ଗୃହାଁ ତୁ ଦଶୁଟଛୁ ଜଳଜଳାରେ ॥
ସେ ବୋଲେ ସଖି ରେବତୀ ଗୋ । ଚଞ୍ଚଳ ଅସ ମୋ ଜଣ ଗୋ ।
ସୁଭଦ୍ରାଦେବୀଙ୍କ ରଥ ଚଳୁଅଛୁ ଦେଖାଏ ସୁନ୍ଦର ମୂର୍ତ୍ତି ଗୋ ॥
ହସି କହେ ଗୁଣ ଗୁଣି ହେ । ଶ୍ରୀ ପୁରୁଷୋତ୍ତମେ ଜାଣି ହେ ।
ଏଦୋଷ ମୋହର କ୍ଷମାକର ବାରେ ପ୍ରଭୁ ଶ୍ରୀଚରଣେ ଭଣି ହେ ॥

—○—

ବଣିକେଶଣ ବୋଲି

ଶୁଣ ସୁଜନେ ହେତୁ କରି ମନ । ମହା ଦାନୀ ଅଟେ କର୍ଣ୍ଣ ରାଜନ ॥ ପ୍ରଭାତୁଁ ଉଠି ସାରି ଦେବାର୍ଚ୍ଚନ । ଅପୂତଭାର ରତ୍ନ ଦଏ ଦାନ ॥ ଅନ୍ନ ଦାନ ସେ ଜଳ ବସ୍ତ୍ରଦାନ । ରଥ ଗଜ

Digitized by srujanika@gmail.com

ଅଶ୍ୱ ଦଅଇ ଦାନ । ଭୂମି ତୁରଙ୍ଗ ଦାନ ଦିଏ ନିତ । ଗୋଧନ ଦାନେ ତା ମନ ତୃପତ । ଦାନେ ତୃପତ ସକଳ ବ୍ରାହ୍ମଣ । ସବେ ଡାକନ୍ତି ମହା ଦାନୀ କର୍ଣ୍ଣ ॥ ଏଥୁ ଅନ୍ତେ ପ୍ରଭୁ ଗର୍ବ-ଗଞ୍ଜନ । ମନେ ବିଚାରିଲେ ଜଗଜ୍ଜୀବନ । କର୍ଣ୍ଣଙ୍କ ଅଣସ୍ତ୍ର ବାଢ଼ିବା ପାଇଁ । ବ୍ରାହ୍ମଣରୂପ ଧଇଲେ ଗୋସାଇଁ ॥ ଛଟା ଗଡ଼ୁଆ ଯେ ଦ୍ୱାଦଶ ଚିତା । କଟିମୁଣ୍ଡଳ ନବଗୁଣ ପଇତା । କମଣ୍ଡଳୁ ତମ୍ବାପାନଙ୍କ ଧେନୁ । କୁଶହସ୍ତରେ ଦେବ ଚକ୍ରପାଣି । ସିଂହଦ୍ୱାରେ ଯେ ଉତ୍ତରିଲେ ପୁଣି । ବିପ୍ର ସେଠାରେ କଲେ ବେଦଧ୍ୱନି । ଚାରିବେଦ ଯହୁଁ ପଢ଼ିଲେ ହରି । ଖଟେ କମ୍ପିଲେ କର୍ଣ୍ଣ ଦଣ୍ଡଧାରୀ । ରାଣୀ ପଚାରିଲେ ଶୁଣ ରାଜନ । କମ୍ପାଇଁ କମ୍ପିଲ ଆମ୍ଭ ଭୁବନ । କର୍ଣ୍ଣ ବୋଇଲେ ଗୋ ଶୁଣିମା ରାଣୀ । ବ୍ରାହ୍ମଣ ବେଦ ମୁଁ କର୍ଣ୍ଣରେ ଶୁଣି । ଏତେ କ୍ଷଣେ ବିଜୟେ କର୍ଣ୍ଣ ନୃପତି । ଗୋବିନ୍ଦ ଅଗ୍ରେ ମିଳିଲେ ତୁରିତ । ଦେଖିଲେ ବିପ୍ର ବଡ଼କୁଳେ ଜନ୍ମ । ଦେହେ ଦିଶୁଛି ଶଙ୍ଖ ଚକ୍ର ଚିହ୍ନ । ଦେଖିଣ କର୍ଣ୍ଣ ସନ୍ତୋଷ ହୋଇଲେ । ଗଣ୍ଡକୁ ପାଦେ ପଡ଼ି ଶୋଇଲେ । କର୍ଣ୍ଣ ବୋଇଲେ ସୁବେଦୀ ଗୋସାଇଁ । ବେଦ ଉଚ୍ଚାରଣ କଲ କିପାଇଁ । ଶୁଣି ଶ୍ରବଣ ସନ୍ତୋଷ ହୋଇଲି । କାହିଁ ଗୋସାଇଁ ଅଇଲ ବୋଇଲି । ଗୋବିନ୍ଦ ବୋଇଲେ ନୃପତି କର୍ଣ୍ଣ । ମାଗି ଅଇଲି ତୋ ପୁରକୁ ଦାନ । କର୍ଣ୍ଣ ବୋଇଲେ ସୁବେଦୀ ଗୋସାଇଁ । ଅଳ୍ପ ଦାନସଙ୍ଖ୍ୟା ମୋ ପୁରରେ ନାହିଁ । ଭାଲ ଅଇଲ ସୁବେଦୀ ଗୋସାଇଁ । ଅଯୁତ ଭାର ରତ୍ନ ଦେବି ମୁହିଁ । ଅନ୍ନ ଯେ ଦାନ ବସ୍ତ୍ରଦାନ ଦେବି । ପାଦେ ଗୋସାଇଁ ଧନସ୍ୱୀ ହୋଇବ । ଗୋବିନ୍ଦ ବୋଇଲେ ନୃପତିବର । ନୃସିଂହ କବଚ ବାନା ଅମ୍ବର । ଏକ ଦ୍ୱାରରୁ ନ ଯାଉଁ ଅନ୍ୟ ଦ୍ୱାର । ଜାଣିଲି ଅଜ ତୋ ସତ୍ୟ ତୋହର । ଅଜ ତୋ ଦ୍ୱାରେ ଉପବାସେ ଥିବି । କଲି ପ୍ରଶ୍ନେ ତ

ଦାନ ଦେଲାପିଣ୍ଡ । କର୍ଣ୍ଣ ବୋଇଲେ ସୁଦେବୀ ବ୍ରାହ୍ମଣ । ସନ୍ଧଣ ମୋ ପୁରେ କର ଭୋଜନ । ଗୋବିନ୍ଦ ବୋଇଲେ ନୃପତି କର୍ଣ୍ଣ । ତୁ ମୋତେ ଦେଇ ନ ପାରିବୁ ଅନ୍ନ । କର୍ଣ୍ଣ ବୋଇଲେ ନିଷ୍ଟେ ଦେବି ଅନ୍ନ । ବିପ୍ର ବୋଲେ କର ସତ୍ୟ ବଚନ । କର୍ଣ୍ଣ ବୋଇଲେ ସତ୍ୟ ମୋର ବାଣୀ । ବିପ୍ର ବୋଇଲେ ଶଙ୍ଖେ ଦିଅ ପାଣି । ଶଙ୍ଖେ ପାଣି ଘେନି କର୍ଣ୍ଣରାଜନ । ଗୋବିନ୍ଦ ହସ୍ତେ ଦେଲେ ତତକ୍ଷଣ । ସତ୍ୟ ପାଇ ହରି ସନ୍ତୋଷ ମତି । ବୋଇଲେ ଶୁଣରେ କର୍ଣ୍ଣନୃପତି । ନର ମାଂସରେ ଅଟଇ ମତି । ଆନ ମାଂସରେ ନୋହେ ତୃପତି । କର୍ଣ୍ଣ ବୋଇଲେ ସୁଦେବୀ ବ୍ରାହ୍ମଣ । ତୁମ୍ଭଙ୍କୁ ଆଣିବ ଯେତେକ ଜନ । ଗୋବିନ୍ଦ ବୋଇଲେ କର୍ଣ୍ଣଙ୍କୁ ଚାହିଁ । ଏକ ଜଣରୁ ଦୁଇଜଣ ନାହିଁ । କର୍ଣ୍ଣ ବୋଇଲା ଦେବା ଦଶଜଣ । ବିପ୍ରବୋଲେ ଦେବୁ ବୃଷକେତନ । କର୍ଣ୍ଣ ବୋଇଲେ ସୁଦେବୀ ଗୋସାଇଁ । ଏକ ପୁତ୍ରରୁ ବେନି ପୁତ୍ର ନାହିଁ । ଏକପୁତ୍ର ମୋର ବୃଷକେତନ । ତାକୁ କେମନ୍ତେ କରିବି ନିଧନ । ଲକ୍ଷେ ବରାହ ଲକ୍ଷେ ରୋହୁ [illegible]ବ । ପାଦେ ଗୋସାଇଁ ବନସ୍ଥି ହୋଇବି । ଗୋବିନ୍ଦ ବୋଇଲେ ନୃପତି କର୍ଣ୍ଣ । ରୋହୁ ରୂପେ ଯେ ପ୍ରଭୁ ଭଗବାନ । ବରାହ ରୂପେ ଜଗତ ଗୋସାଇଁ । ରୋହୁ ବରାହ ମୃଗ ମୁଁ ନ ଖାଇ । ଯେବେ ମାରି ଦେବୁ ବୃଷକେତନ । ତେବେ ତୋ ପୁରେ କରିବି ଭୋଜନ । ନୋହିଲେ ମେଲାଣି ଦିଅ ନୃପତି । ଆନ ନଗ୍ରକୁ ଚଳିବୁଁ ତଡ଼ିତି । କର୍ଣ୍ଣ ବୋଇଲେ ମୁଁ କରିଛୁ ସତ୍ୟ । ଏବେ କିପାଇଁ ହୋଇବି ଅସତ୍ୟ । ସତ୍ୟରେ ଥିଲେ ସତ୍ୟ ଧର୍ମ ପାର । ମିଥ୍ୟାକୁ ଗଲେ କୁମ୍ଭୀର ଅଙ୍କାର । ଏକା ମୋହର କୁଳର ନନ୍ଦନ । ମାତା ଗର୍ଭଧାରି କରିଛି ଜନ୍ମ । ସେଠାରୁ କର୍ଣ୍ଣ ବଡ଼ ବେଗେ ଗଲା । ରାଣୀ ସନ୍ନିଧେ ପ୍ରବେଶ ହୋଇଲା । ବୋଇଲା ରାଜା ଗୋ ଶୁଣିମା ରାଣୀ । ମୋହଠାରୁ ଶୁଣ ଏ

Digitized by srujanika@gmail.com

ସତ୍ୟବାଣୀ । ତାହୁଁ ଅଇଲେ ସୁଦେବୀ ବ୍ରାହ୍ମଣ । ଦ୍ୱାରେ ସେ ବେଦ କଲେ ଉଚ୍ଚାରଣ । ମାଗିଲେ ଦାନ ଗୋ ନ ଦେଲ ତାଙ୍କୁ । ସତ୍ୟ ଉଚ୍ଚାରିଲ ଅନ୍ନ ଦେବାକୁ ! ଏବେ ବୋଲନ୍ତି ସୁଦେବୀ ବ୍ରାହ୍ମଣ । ମାରଦଅ ପୁତ୍ର ଋଷିକେଶନ । କି ବୁଦ୍ଧି କରିବା ଶୁଣ ଗୋ ରାଣୀ । ରାଣୀ ବୋଇଲେ ଶୁଣ ନୃପମଣି । ଯେବେ ଋଷି ସଙ୍ଗେ କରିଛ ସତ୍ୟ । ଏବେ କିମ୍ପା ରାଜା ହୁଅ ନସତ । ଏକା ମୋହର ନୂହଇ ନନ୍ଦନ । ତୁମ୍ଭେ ଜାକେ ପିତା କରିଛ ଜନ୍ମ । ତୁମ୍ଭଙ୍କ କାରଣ ମୋତେ କାରଣ । ପୁତ୍ରହିଁ ପାଇବ ବୈକୁଣ୍ଠସ୍ଥାନ । କହୁ ନ ଋଗୁର କଣ୍ଠ ରାଜନ । ପୁତ୍ର ମାରଦଅ ଋଷିଙ୍କୁ ଅନ୍ନ । ତୁମ୍ଭେ ଅମ୍ଭେ ଥିଲେ ପାଇବା ପୁତ୍ର । ବ୍ରାହ୍ମଣ ଚଳେ ଯିବ ଅମ୍ଭ ସତ୍ୟ । ରାଜା ରାଣୀଙ୍କର ଏସନ ବାଣୀ । ପଢ଼ି ଯେ ବିଥିଲେ କୁମରମଣି । ହସ୍ତରେ ପୋଥି ଆର ହସ୍ତେ ଖଡ଼ୀ । ଖଡ଼ୀ ଗୁଣ୍ଡ ଅଛୁ ଦେହରେ ପଡ଼ି । ସିଂହଦ୍ୱାରେଣ ପ୍ରବେଶ ହୋଇଲା । ଋଷିଙ୍କୁ ଦେଖି ପ୍ରଣମିତ ହେଲା । କଲ୍ୟାଣ କଲେ ସୁଦେବୀ ବ୍ରାହ୍ମଣ । ଜିଇଁବା ହୁଅରେ ଋଷିକେସନ କଲ୍ୟାଣ ପାଇ ଭିତରକୁ ଗଲା । ମାତାଙ୍କ ସନ୍ନିଧେ ଯାଇ ମିଳିଲା । ମାତା ପିତାଙ୍କର ବିରସ ଦେଖି । କୁମର ମଣି ପଚାରେ ଜାଣିହି । ମାତାଙ୍କୁ ବୋଇଲେ କିମ୍ପା ବିମନ । ପିତା ତ ବସିଲେ ହେଠବଦନ । ମାତା ବୋଇଲେ ଶୁଣ ହେ ନନ୍ଦନ । ପିତା ମୋ । କରିଛୁ ସତ୍ୟ ବଚନ । ତାହୁଁ ଅଇଲେ ସୁଦେବୀ ବ୍ରାହ୍ମଣ । ଦ୍ୱାରେ ସେ କଲେ ବେଦ ଉଚ୍ଚାରଣ । ମାଗିଲା ଦାନ ସେ ନ ଦେଲେ ତାଙ୍କୁ । ସତ୍ୟ ଉଚ୍ଚାରିଲେ ଅନ୍ନ ଦେବାକୁ । ଏବେ ବୋଲନ୍ତି ସୁଦେବୀ ବ୍ରାହ୍ମଣ । ମାରଦଅ ପୁତ୍ର ଋଷିକେଶନ । ଶୁଣି ସାନନ୍ଦ ଯେ ରାଜକୁମାର । କେଡେ ମତା ଭାଗ୍ୟ ଦଶିଲା ମୋହର । ଏବେ କାଟିଲ ମୋ ଜନ୍ମ ଉଲ୍ଲାସ । ବ୍ରାହ୍ମଣେ ଭକ୍ଷିବ ମୋହର ମାଂସ । ଏଥିରୁ ଅଜ କି ଅଛୁ କାରଣ । ସ୍ୱଦେହେ ପାଇବ ବୈକୁଣ୍ଠେ

Digitized by srujanika@gmail.com

ସ୍ନାନ । କହୁ ନ ସଗୃହ ଶୁଣ ଗୋ ମାତ । ମୋତେ ମାର ଦିଅ ବିପ୍ରଙ୍କୁ ଭାତ । ପୁତ୍ର ତହୁଁ ରାଣୀ ଏସନ ଶୁଣି । ତକ୍ଷଣେ ବାଳକେ ମଜ୍ଜମଣି । ସିଂହବୁଅରେ ପ୍ରବେଶ ହେଇଲ । ପୁତ୍ରଗୋଟିକି ମୋ ନାଶବୋଇଲ । ଗୋବନ୍ଦ ବୋଇଲେ ନୃପତିକର୍ଣ୍ଣ । ଜାଣିଲି ତୋର ଅନ୍ନ ଦେବାପଣ । କୁଳୁଅ ଇଚ୍ଛାଏ ଗ୍ରଗଲ ମାର । ଭୋଜନ କେବେହେଁ ଦେବୁ ଦଣ୍ଡଧାର । ତୋହ ହସ୍ତରେ କହାବରୁ ଶିଷ୍ୟ । ତୋହ ଭାର୍ଯ୍ୟା ରାନ୍ଧିବ ମାଉଁସ ॥ ତେବେ ସେ ଭକ୍ଷିବ ଅନ୍ନ ବ୍ରାହ୍ମଣ । ନୋହିଲେ ମେଲଣି ଦିଅ ରାଜନ । ତାହା ଶୁଣି କର୍ଣ୍ଣ ତକ୍ଷଣେ ଗଲା । ପୁତ୍ରକୁ ନେଇଣ ସ୍ନାନ ସେ କଲା ॥ କର୍ଣ୍ଣ ବୋଇଲା ରେ ଶୁଣ ନନ୍ଦନ । ଇଷ୍ଟ ଦେବତା ସୁମର ବଦନ । ଶୁଣି ସାନନ୍ଦ ଯେ ରାଜାର ସୁତ । ବୋଲଇ ଇଷ୍ଟ ମୋର ଜଗନ୍ନାଥ । ଗୋବିନ୍ଦ ବିନୁ ଅନ୍ୟ ଈଶ୍ୱରନାହିଁ । ସାହୁ କରବେ ସତ୍ୟଭାମାସାଇଁ । ଶୁଣିଣ ଦୟାକଲେ ନାରାୟଣ । ଅନ୍ଧଦଲେ ଚକ୍ର ସୁଦରଶନ । କମ୍ପେଟ ଦେଲେ ମାୟାପୁତ୍ର ଅଣି । ଖଡ଼ଗେ ଦେଲେ ରଜା ତାକୁ ହାଣି । ହାଣିଲା ଖଡ଼ଗେ ଛୁଡ଼ିଲା ମୁଣ୍ଡ । ତନ ଶାଖାରେ ରୁଧିର ପ୍ରଚଣ୍ଡ । ଗଣ୍ଡି ମୁଣ୍ଡ ଘେନି ରାଜନ ଗଲା । ରାଣୀ ସନ୍ନିଧେ ଚଞ୍ଚଳ ମିଳିଲା । ବୋଇଲା ରାଜା ଗୋ ଶୁଣିମା ରାଣୀ । ରୋଦନ କରମା ଗୋ କରୁ ତରୁଣୀ । ନୋହି କାନ୍ଦିଲେ ବ୍ରାହ୍ମଣ ଗୋ ଯିବ । ପୁଣ ମନ୍ଦ ରାଣୀ ସତ୍ୟ ନୋହିବ । ଭୁଞ୍ଜିଣ ବିପ୍ର କରିବ ଗମନ । ଅଗ୍ନିରେ ଅମ୍ଭେ ହୋଇବା ଦହନ । ରାଜା ତହୁଁ ରାଣୀ ଏସନ ଶୁଣି । ପଣ୍ଡିକ ମାଡ଼ି ବସିଲା ତରୁଣୀ । ଭୁଲା ପ୍ରାୟେ କର ମାଉଁସ କାଟି । ଢିଅରେ ପୂଆଇ ଶିଳରେ ବାଟି । ତେଣେ ଦେବା ସମକନ୍ତ କଲା । ମୁଣ୍ଡ ଗୋଟିକି ଲୁଚାଇ ଥୋଇଲା । ଭୁଞ୍ଜିଣ ବିପ୍ର କରିବ ଗମନ । ମୁଣ୍ଡକୁ ଘେନି କରିବା ରୋଦନ । ଏତେ ବୋଲି କର ଯୁବତୀ ଗଲା । ରନ୍ଧ

Digitized by srujanika@gmail.com

ଯାମିନୀରେ ସ୍ନାନକୁ ଚଳ । ଝୀନ ମଡ଼ିଅଳ ପିନ୍ଧଲ ଧୋତି ।
ତାଳମ୍ବ ପୁରେ ବାଜଯେ ଉଡ଼ତ ॥ ଘୃତ ଚନ୍ଦନ ସମ ଏତ ଚଲ ।
ବ୍ରାହ୍ମଣ ସ୍ଥମର ଅଗ୍ନି ଜାଳିଲ । କ୍ଷୀର କ୍ଷୀରସା ଅଧାମ ଶ.କର ।
ଘୃତ ଲବଣ ଦହି ଦୁଧ ସର । ତାପରେ ଗୋଟିଏ ମାନଙ୍କୁ ବାହୁ ।
ଅପୂର୍ବ ଦ୍ରବ୍ୟ କେ ପାରିବ କହି । ତାଳ ପଣସ ଅମ୍ବ ନାରିକେଳ ।
ଖଜୁର ଭଲିଁ ତ ପିଅରୁ ଫଳ । ଶିଙ୍ଘଡ଼ା ଜମ୍ଭୀଳ କେନ୍ଦୁ
କଇଁଥ । ଦ୍ରାକ୍ଷା ଅଦ ଯେ ନାରଙ୍ଗ ଯେଚ୍ଛି । ରାଣୀ
ମଣ୍ଡି ଅଛି ଡ଼ାଳମ୍ବା ପୁର । ବ୍ରାହ୍ମଣ ଭୁଞ୍ଜିବ ମୋର କୁମର ।
ଭୋଜନ ଦ୍ରବ୍ୟ ଯେତେ ବିଧିମାନ । ରାଣୀ କୁଡ଼ାଉଛି ଉତ୍ତମ
ଧନ ॥ ଧୂପ ଦୀପ ନଇବେଦ୍ୟ ତଣ୍ଡୁଳ । ଦୂଜା କରିବାକୁ ପ୍ର
ପ୍ରପୁର । ଉତ୍ତମରୂପେ ଯୋଗାଇଲ ରାଣୀ । ରାଜାଙ୍କୁ ଗୃହେଁ
ବୋଲଇ ତରୁଣୀ । ଅନ୍ଧ ହୋଇଲ କର୍ଣ୍ଣ ହୋ ରାଜନ । ସୁଦେବୀ
ଗୋସାଇଁ କରନ୍ତୁ ସ୍ନାନ । ତାହା ଶୁଣି କର୍ଣ୍ଣ ତତକ୍ଷଣେ ଗଲ ।
ଗୋସାଇଁଙ୍କୁ ନେଇ ପଲ୍ଲବ ଦେଲ । କର୍ଣ୍ଣ ବୋଇଲ ସୁଦେବୀ
ଗୋସାଇଁ । ସ୍ନାନ କର ତୈଳ ମର୍ଦ୍ଦନ ହୋଇ । ସୁଦେବ
ବୋଇଲେ ନୃପତି କର୍ଣ୍ଣ । ଜାଣିଲି ତୋର ଅନ୍ଧ ଦଅପଣ । ଚଳିଣ
ବ୍ରାହ୍ମଣ ଦେବୋପ୍ରଚଣ୍ଡ । ତୋର ସ୍ୱରଯା ଲୁଗୁଇଛି ମୁଣ୍ଡ । ଝଣ୍ଡେଅ
ମାଉଁସ କାଏ ଖାଇବ । ମୋତେ ନବର୍ଷିହ ତୋପ କରିବ ।
ତାହା ଶୁଣି କର୍ଣ୍ଣ ତତକ୍ଷଣେ ଗଲ । ରାଣୀ ସନ୍ନିଧେ ପ୍ରବେଶ
ହୋଇଲ । ବୋଇଲ ରାଜନ ଶୁଣ ଗୋ ରାଣୀ । ତୁ ଗୋ ସ୍ତ୍ରୀ
ବଡ଼ ଜ୍ଞାନ ରାଢ଼େଣୀ ॥ ନ ଭୁଞ୍ଜେ ବିପ୍ର ଗୋ ବାହୁଡ଼ି ଯିବ ।
ପୁଣ୍ୟମଳ ରାଣୀ ସତ୍ୟ ନୋହିବ । ଚଳିଣ ବ୍ରାହ୍ମଣ ଦେବୋପ
ପ୍ରଚଣ୍ଡ । ତୁ ପୁଣି ଲୁଗୁଇ ଥୋଇଛୁ ମୁଣ୍ଡ । ଏହା ଶୁଣି ରାଣୀ
ବୋଲେ ପ୍ରମାଣ । ମୋ ପୁରେ ବିଜେ କଲେ ନାରାୟଣ । ଏତେ
ଗୁପତେ ଥୋଇଲି ଲୁଗୁଇ । ଏହିପ୍ରକାରେ ଥାଇ ଜାଣିଲେ କେହି ॥

Digitized by srujanika@gmail.com

ଏତେ ବୋଲିକରି ସୁବ୍ରତା ଗଲା । କୁଟିଥିଲ ମୁଣ୍ଡ ପାଚିଲ ଭଲ ।
ହଡ଼ମ୍ବି ଖଟନ୍ତି ମଗର ମଣ୍ଡି । ଅଳ୍ପ ବାଇଗଣ କଦଳୀ
ବେଣ୍ଟି । ଆପଣେ ବାହାର ହୋଇଲେ ରାଣୀ । ଗୋବିନ୍ଦଙ୍କୁ
ଦେଲେ ଗଙ୍ଗାର ପାଣି । ତିନି ମଢ଼ିଅଳ ପିବାଇ ଧାଡି ।
ତ ଲମ୍ବା ପୁରେ ବାଢ଼ନ୍ତୁ ତଡ଼ତ । ପୁରେ ଦେଖି ବୋଲେ
ବ୍ରହ୍ମାଣ୍ଡ ପତି । ଧନ୍ୟ ଧନ୍ୟ ରାଜା କର୍ଣ୍ଣ ନୃପତି । ଧନ୍ୟ
ତୋ ମାତା ଧନ୍ୟ ତୋର ପିତା । ଧନ୍ୟ ତୋହର ତ ଇଷ୍ଟ
ଦେବତା ॥ ମନେ ବିଚାରିଲେ ସେ ଜଗଜ୍ୟୋତି । ସଙ୍ଗେ ନ
ଆଣିଲି ଫିହ ବୁଦ୍ଧି । କହିଲେ ଲକ୍ଷ୍ମୀ ଯେ କରିବେ ମିଛ ।
ଦେଖାବନ୍ତି ହିଙ୍କ ଭକତ ପ୍ରତ୍ୟକ୍ଷ । ପୁତ୍ର ମାରି ମୋତେ ବାଢ଼ିଛୁ
ଅନ୍ନ । ଅଦ୍ଭୁତ ଏଡ଼େ ସମ୍ପଦ ଭୁଅଣ ॥ ଏତେ ବୋଲି କରି
ବ୍ରହ୍ମାଣ୍ଡପତି । ରତ୍ନ ପିଢ଼ାରେ ବସିଲେ ତଡ଼ତ । ହରି ଆଜ୍ଞା ଦେଲେ
ରାଜାର ରାଣୀ । ବାଢ଼ ଗୋ ଅନ୍ନ ଗୃହଭୋଗ ପୁଣି । ଆଜ୍ଞା ପାଇକରି
ସୁବ୍ରତା ଗଲା । ଗୃହଭୋଗ କରି ଅନ୍ନ ବାଢ଼ିଲା । ପଙ୍କ୍ତେ ଅବୋର
ଜଗଜ୍ଜୀବନ । ବୋଇଲେ ପଙ୍କ୍ତେ ବସ ହୋ କର୍ଣ୍ଣ । କର୍ଣ୍ଣ
ବୋଇଲେ ସୁବେଦୀ ଗୋସାଇଁ । କେମନ୍ତେ ପଙ୍କ୍ତେ ବସିବି
ମୁହିଁ ॥ ଯାହା ମାରି ପୁତ୍ରକରିଛୁ ଜନ୍ମ । କେମନ୍ତେ ଭେଟିବି ଗର୍ଭେ
ନନ୍ଦନ । ଗୋବିନ୍ଦ ବୋଇଲେ ଶୁଣ ହେ କର୍ଣ୍ଣ । ନୋହିଲେ
ତୋର ପୁତ୍ରର ରହୁ ଅନ୍ନ । ତୁମ୍ଭେ ନ ଭୁଞ୍ଜିଲେ ନାହିଁ ମୋ ଗ୍ରାସ ।
ତୁ ପୁତ୍ର ମାରି ପୂରିଲୁ ବଞ । ତୋ ପୁତ୍ର ମଲୁ ମୋତେ
ମାରିଲୁ । ଏଡ଼େ ସୁଖେ ମହା ଭୋଗ କରିବୁ । ତାହା ଶୁଣି କର୍ଣ୍ଣ
ଦୁଃଖିତ ହେଲା । ପଙ୍କ୍ତେକ ଅବୋର ଭୁଞ୍ଜି ବସିଲା । ହରି ଆଜ୍ଞା-
ଦେଲେ ରାଜାର ରାଣୀ । ତୁମ୍ଭେ ପଙ୍କ୍ତେ ବସ ଗୋ ତରୁଣୀ ।
ରାଣୀ ବୋଇଲେ ସୁବେଦୀ ଗୋସାଇଁ । କେମନ୍ତେ ପଙ୍କ୍ତେ
ବସିବି ମୁହିଁ । ଯାହା ମାରି ଗର୍ଭ କରିଛୁ ଜନ୍ମ । କେମନ୍ତେ

Digitized by srujanika@gmail.com

ଭଇରବ ତର୍କ ନନ୍ଦନ । ବାରବରଷର ଶଶିସେଣନ । ପଢ଼ା ଶୁଣା
କର ପାଠେ ନିପୁଣ । ତାହା କେମନ୍ତେ ଭଜିବ ସଢ଼େଣୀ ।
ଏ ସାରେ ବୋଲିବେ ଯୋଗେ ତାହାଣୀ । ବୋଇଲେ ଗୋବନ୍ଦ
ନ ଭୁଞ୍ଜ ଦୁଃଖ । ନିଶ୍ଚୟ ଅଳ ଘୁଞ୍ଚ ଯିବ ମୁହିଁ । ତାହା ଶୁଣି
ରାଣୀ ଦୁଃଖିତ ହେଲା । ପଣ୍ଡିତ ଅନ୍ତେବାର ଯାଇ ବସିଲା । କର୍ଣ୍ଣ
ବୋଇଲା ସୁଦେବ ଗୋସାଇଁ । ଆର ପଣ୍ଡିତ ଅଛି କାହା
ପାଇଁ । ଗୋବନ୍ଦ ବୋଇଲେ ନୃପତି କର୍ଣ୍ଣ । ତାଙ୍କ ଅଣ ତୋର
ଶଶିସେଣନ । କର୍ଣ୍ଣ ବୋଇଲା ସୁଦେବ ବ୍ରାହ୍ମଣ । କେତେ ହୋ
ଅମ୍ଭଙ୍କ ତର କପଟ । ହାଣିଲି ଖଡ଼ଗେ ଛିଣ୍ଡିଲା ମୁଣ୍ଡ । ତନି
ଧାରରେ ରୁଧିର ଚଳନ୍ତ । ତୁଳା ପରମାଣେ ମାଉଁସ କାଟି ।
ଦିଅରେ ପ୍ରଥମ ଶିଳରେ ବାଟି । ଭଜିବ ବୋଲି ବସିଅଛି ମୁହିଁ ।
ଶଶିସେଣନଙ୍କୁ ପାଇବ କାହିଁ । ହର ଅଙ୍କା ଦେଲେ ରଜାରାଣୀ ।
ସିଂହଦ୍ୱାରେ ଯାଇଁ ଡାକ ତରୁଣୀ । ଅଙ୍କାପଲ ରାଣୀ ବଦନ
ଗଲା । ସିଂହଦୁଆରେ ପ୍ରବେଶ ହୋଇଲା । ଡାକିଲାବଲାରେ ଶଶି-
ସେଣନ । ତେ ହର ବନୁ ନୋହିଲା ମରଣ । ବୁଡ଼ିଲା [illegible]ଭେଲା
ଅଗାଧ ସାଗରେ । ପଦ ନ ଚଳଇ ଶୋକ ଭାତରେ । [illegible]
ସମୁଦ୍ରେ ମୋ ବୁଡ଼ିଲା ଭେଳା । ବୁଡ଼ାଇ କେଉଁଣେ ଘୁଞ୍ଚି
ଗଲି ବଳା । ଦେଖା ଦେଉ କନା ଦୁଃଖୀର ଧନ । ତୋତେ
ନ ଦେଖି ନ ରହେ ଜୀବନ । ତନି ଡାକ ଯହୁଁ
ଡାକିଲା ରାଣୀ । ଚନ୍ଦ୍ରକୁ କାଢ଼ି ନେଲେ ଚକ୍ରପାଣି । ବାହାର
ହୋଇଲେ ଶଶିସେଣନ । ସେହିମତ ରୂପ ସେହି ଲାବଣ୍ୟ ।
ହସ୍ତେ ପୋଥି ଅବ ହସ୍ତେ ଖଡ଼ି । ଖଡ଼ିଗୁଣ୍ଡ ଅଛି ଦେହରେ
ପଡ଼ି । ଉଆସଣ ଦ୍ୱାରେ ପ୍ରବେଶ ହୋଇଲା । ମାତାଙ୍କୁ ଦେଖି
ପ୍ରଣମିତ ହେଲା । ବସ୍ତ୍ରସଙ୍ଗେ ମା କରିଥିଲ ସତ୍ୟ । ମୋତେ
ଘୁଞ୍ଚି ମାତା ଭୁଞ୍ଜିଲ ଭାତ । ରାଣୀ ବୋଇଲେ ମନ୍ଦଭାଗ୍ୟ କଲି ।

Digitized by srujanika@gmail.com

ଧ୍ରୁବ ପୁତ୍ର ପାଇଁ ଧାଇଁ ଅଇଲି । ଧ୍ରୁବ ପୁଅପାଇଁ ଅଇଲି ଧାଇଁ । ଗୋବିନ୍ଦ ମାୟା ନ ଜାଣିଲି ମୁହିଁ । ଏତେ ବୋଲନ୍ତେ ଯୁବତୀ ଚଳା । ତାଳମ୍ବାପୁରେ ପ୍ରବେଶ ହୋଇଲା । ଅନ୍ନ ଅଛୁ ଅଜ ଗୋବିନ୍ଦ ନାହିଁ । ଅନ୍ତର୍ଦ୍ଧାନ ହୋଇ ଗଲେ ଗୋସାଇଁ । ଭୂମିରେ ପଡ଼ି ବାସନା ରେ ଜଡ଼ି । ଚେନ ପସୁଣୀ ହୋନ୍ତି ଗଡ଼ାଗଡ଼ି । ଊର୍ଦ୍ଧ୍ୱମୁଖ ହୋଇ ଗୃହିଁଲେ ଯହିଁ । ଶଙ୍ଖ ଚକ୍ର ଗଦା ଦଣ୍ଡିଲ ତହିଁ । ଦିବ୍ୟ ଅଙ୍ଗ ହେଲ ସଙ୍କାର ସୁଣୀ । ଧନ୍ୟ ଜୀବନ ଗୋ ଧନ୍ୟ ତରୁଣୀ ॥ ଧନ୍ୟ ତୋ ମତା ଧନ୍ୟ ତୋର ପିତା । ଧନ୍ୟ ଧନ୍ୟ ତୋର ଇଷ୍ଟ ଦେବତା ॥ ସାଧୁ ସାଧୁ ତୁ ହୋ ଭଣ୍ଡ ସଜନ । ପୂର୍ବ ମାର-ମୋତେ ଦେଲୁ ତୁ ଅନ୍ନ ॥ ଅଜ କାହାକୁ ତୁ ନ ଦେବୁ ଦାନ । ଅଜହୁଁ ତୋର ବୈକୁଣ୍ଠରେ ସ୍ଥାନ । ଦେବ ସୁନାସୀର ଉପଟେ ଥିସି । ପୁଷ୍ପ ଚୌଟିକ୍କ ପଢାଇବେ ନାଶି । ଏତେ ବୋଲନ୍ତେ ଅନ୍ତର୍ଦ୍ଧାନ ହେଲେ । ବୈକୁଣ୍ଠପୁରେ ପ୍ରବେଶ ହୋଇଲେ । ବିଚି-ବେ[illegible]ନ ବୋଲ ଏ ସମ୍ପୂର୍ଣ୍ଣ । ଗାଇଲେ ଶୁଣିଲେ ବୈକୁଣ୍ଠ ସ୍ଥାନ । କୃଷ୍ଣଚରଣେ ଶରଣ ଭୃତ୍ୟ ଥିବ । ଦାସ ବୈଷ୍ଣବ ବାଟେ ଜିଣିବ ।

ଶୃଗାଳ ବୋଲି

ପଶ୍ଚିମ ଦେଶରେ ଦଣ୍ଡକାଭୂଇଁ । ଗର୍ଦ୍ଧବୁଦ୍ଧି ନାମେ ଶୃଗାଳ ତହିଁ । ସେ ବନେ ତାହାର ଅଟଇ ବାସ । ବୁଲି ଚରଇ ସେ ନାନାଦି ଦେଶ । ଏମନ୍ତ କେତେ ଦିନେ ବୁଲି ଯାଇଁ । ନେପାଳ ମୂଷାକୁ ଦେଖିଲା ତହିଁ । ଧରିବି ବୋଲି ଯେ ଗୋଡ଼ାଇ ବେଗେ । ନୀଳ କୁଣ୍ଡେକ ଯେ ଥିଲା ତା ଆଗେ । ମୂଷ ପ୍ରବେଶିଲା ଯାଇଁ ବିଳରେ । ଶୃଗାଳପଡ଼ିଲା ନୀଳ କୁଣ୍ଡରେ । ମୂଷାକୁ ନ ପାଇ ମନ ବିରଙ୍ଗ । ନୀଳକୁଣ୍ଡେ ପଡ଼ି ଚେହେଲା ଅଙ୍ଗ । ନୀଳବର୍ଣ୍ଣ ପ୍ରାୟେ ଦିଶିଲା

Digitized by srujanika@gmail.com

ଭାସ୍ୱେ । ଦେଖିଣ ଟୃଗାଳ ହରଷ ହୁଏ ॥ ସୁନ୍ଦର ବଶିଲ ମୋ ଦେହ ଯାକ । ନିଷ୍ଟୟ ହୋଇଲି ମୁଁ ବଡ଼ ଲୋକ । ମୋ ସଙ୍ଗେ ଚକେହ୍ମ ସରବସମ ହ୍ରଜା । ଉପାୟୁ କର ମୁଁ ହୋଇବ ରାଜା । ଜନ୍ତୁମାନଙ୍କର ନୃପତ ହୋଇ । ପର୍ବତ ଶିଖରେ ବସିବ ଯାଇଁ । ଏମନ୍ତେ ବାଗୁର କରଣ ମନେ । ପଶିଲି ଅଗମ୍ୟ ନିଗମ ବନେ ॥ କ୍ଷୁଦ୍ରବୁଦ୍ଧି ନାମେ ଶୃଗାଳ ତହିଁ । ବାଟରେ ଭେଟିଲି ତାହାକୁ ଯାଇଁ ॥ ବୋଇଲି ଅରେ ତୁ ବହନ ଯ ଯା । ଅମ୍ଭେ ଏ ବନରେ ହୋଇଲୁ ରାଜା । ସମସ୍ତ ଜନ୍ତୁଙ୍କ ହକାଙ୍କ ଅଣ । ନୋହିଲେ କେହି ନ ପାଇବ ପ୍ରାଣ । ଇନ୍ଦ୍ର ଅମ୍ଭଙ୍କୁ ଅଭିଷେକ କଲା । ରାଜାପଣେ ଖାଡି ଶ୍ରୀହସ୍ତେ ଦେଲା । ହସ୍ତୀ ଘୋଡ଼ା ଅବ ଶାର୍ଦ୍ଦୁଳ ଯେତେ । ଶୃଗାଳ ବରାହ ମୃଗ ସହିତେ । କହିବୁ ଜନ୍ତୁମାନଙ୍କର ପାଶ । ବୋଲିବୁ ନୃପତ ଅଜ୍ଞା ଏ ଅସ । ରାଜା ଗଣ ମଧ୍ୟେ ନଇଲେ ସବୁ । ଗୋଟି ସହିତରେ ମାରିବ ସବୁ ॥ ଏମନ୍ତ ବୋଲି ତୁ କହିବୁ ଟିକେ । ଅମ୍ଭେ ବସିଣ ପର୍ବତ ଶିଖେ । କ୍ଷୁଦ୍ର ବୁଦ୍ଧି ନାମେ ଶୃଗାଳ ତହିଁ । ସମସ୍ତ ଜନ୍ତୁଙ୍କ କହିଲା ଯାଇଁ । ବୋଇଲା ନୃପତ ଅଜ୍ଞା ଏ ଥିବା । ନୋହିଲେ ଏ ବନେ କେହି ନ ଥିବା । ଶୃଗାଳ ବଚନ ଶୁଣି ବିଖଣ୍ଡେ । ସବୁ ଜନ୍ତୁମାନେ ହୋଇଲେ ରୁଣ୍ଡ । ବୋଇଲେ ଏ ବନେ ସର୍ବଦା ଥାଉ । ରାଜା ବୋଲିକର ଜାଣିତ ନାହୁଁ । କୌଣସି କାଳେ ତ ଶୁଣିଲି ନାହିଁ । କେ ଅବା ନୃପତ ହୋଇଲା କାହିଁ । କେ ଅବା ତାହାକୁ କଲାକ ରାଯ୍ୱେ । ଏ କଥା କହ ତୁ ହୋଇ ନିର୍ଭୟେ । ଶୁଣିବାକୁ ଏତ ବଡ଼ ରହସ୍ୟ । କେ ରାଜା ହୋଇଲା ନାମ ତା କସ । କ୍ଷୁଦ୍ର ବୁଦ୍ଧି ନାମ ଶୃଗାଳ ତହିଁ । ବୋଇଲା ଶୁଣ ହେ କହୁଛୁ ମୁହିଁ । ଏ ବନେ ନୃପତ ନୀଳନରେନ୍ଦ୍ର । ରଜା ପଣ ତାକୁ ଦେଇଛୁ ଇନ୍ଦ୍ର । ଅପରେ

Digitized by srujanika@gmail.com

ତାକୁ ଅଭିଷେକ କଲା । ଶ୍ରୀହସ୍ତରେ ଶାଢ଼ୀ ତୋଳଣ ଦେଲା । ନୀଳ ରାଜାପଣ ଅଛଇ ତାର । ତୁମ୍ଭେ ଯାଇ ତାଙ୍କ ଦର୍ଶନ କର । ନୋହିଲେ କେହି ନବର୍ତ୍ତିବ ବାରୁ । ବର୍ଗସାଧି ମୁଣ୍ଡ କାଟିବସରୁ । ଶୁଣି ଜନ୍ତୁମାନେ ହୋଇଲେ ତୋଷ । ବୋଲନ୍ତି ସିଂହକୁ କହିବା ଅବ । ଦଇବେ ସିଂହ ପରାକ୍ରମ ଦୃଢ଼ । ଜନ୍ତୁମାନଙ୍କର ଉପରେ ବଡ଼ । ଅମ୍ଭେମାନେ ଥିବା ତା ପୃଷ୍ଠ ଭାଗେ । ଦର୍ଶନ କରିବା ନୃପତି ଆଗେ । ଅଗଭିର ହୋଇ କହୁ ସେ କଥା । ରାଜାଙ୍କୁ ଅମ୍ଭେ ନୁଆଁଇବା ମଥା । ଏତେ ବୋଲି ସିଂହ ସଙ୍ଗକୁ ଗଲେ । ଅପୂର୍ବ କଥାଏ ଶୁଣ ବୋଇଲେ ॥ ବହନ ହୋଇ ଧାଡିକାରେ ଉଠ । ଆଜଠାରୁ ରାଜା ଚରଣେ ଲୋଟ । ଶୁଣି ସମସ୍ତେ ଉଠିଲେ ହରଷେ । ସେବା କଲେ ଯାଇଁ ରାଜାଙ୍କ ପାଶେ । ଏମନ୍ତେ ତହିଁ କିଛିଦିନ ଗଲା । ଶୃଗାଳ ନୃପତି ବିଚାର କଲା ॥ ବୋଇଲା ଏମାନେ ଥିଲେ ସଙ୍ଗତେ । ଚିହ୍ନି ଦେବ ଲୋକ ମାରନ୍ତି ମୋତେ । ଶୃଗାଳ ବୋଲି ଏ ଜାଣିବେ ଯେବେ । ନୃପତି ପଣ ମୋ ସରିବ ତେବେ । ଏମାନେ କେହି ମୋ ପାଶେ ନ ଥାନ୍ତୁ । ଯେ ଯାହା ଭାବେ ଦୂରହୋଇ ଯାନ୍ତୁ । ଏତେ ବୋଲି କୋପ ହୃଦରେ କଲା । ଅତ୍ମା ଲୋକଙ୍କୁ ଦୂର କରି ଦେଲା । ପ୍ରୀତି ଲୋକଙ୍କୁ କୋପଭିର ହୋଇ । କତରେ ଗୋଟିଏ ନ ଦେଲା ଥୋଇ । ଏମନ୍ତେ ସବୁ ଜନ୍ତୁମାନେ ଗଲେ । ସିଂହକୁ ଯେତଣ ବିଚାରକଲେ । ସିଂହ ବୋଇଲା ହେ ସମସ୍ତେ ଶୁଣ । କେମନ୍ତେ ବୁଝିଲ ରାଜାଙ୍କ ଗୁଣ । ସେବକ ଲୋକ ଦୂର କରି ଦେଇ । ଏକାହୋଇ କିଂପା ବସିଣ ଥାଇ । ଶୃଗାଳ ପ୍ରାୟେତ ଦଶୁଛି ମୁଖ । ତୁମ୍ଭେମାନେ ପଣ କେମନ୍ତେ ସୁଖ । ଜନ୍ତୁଏ ବୋଇଲେ ଅମ୍ଭେ କି ଜାଣୁ । ତୁମ୍ଭର କେମନ୍ତ ବିଚାର ଶୁଣୁ । ସିଂହ ବୋଇଲା ଯେ ଶୃଗାଳମାନ । ଅମ୍ଭ ତହୁଁ ଶୁଣ ଏକ

Digitized by srujanika@gmail.com

ବଚନ । ଅଜ ଜାଣିବେ ହେ ସମସ୍ତେ ଯିବ । ରାଜାଙ୍କ ବେଢ଼ି ବୋବାଳି ଦେବ ॥ ସେ ଯେବେ ଶୃଗାଳ ହୋଇବ ଅଙ୍ଗେ । ବୋବାଇ ଉଠିବ ତୁମ୍ଭର ସଙ୍ଗେ । ଶୃଗାଳ ହୋଇ ସେ ନ କଲେ ରବ । ମୂର୍ଚ୍ଛନା ଫାଟି ପ୍ରାଣ ଛାଡ଼ି ଯିବ । ଏ ମୋର ବଚନ ଅନ୍ୟଥା ନୋହୁ । ଯୁଗେ ଯୁଗେ କଥା ହୋଇଣ ଥାଉ । ସେ ଯେବେ ତୁମ୍ଭ ସଙ୍ଗେ ଦେବ ରଡ଼ି । ଜାଣିଲେ ସମସ୍ତେ ମାରିବା ବେଢ଼ି । ବୋଇଲା ଏ ମୂଢ଼ ଶୃଗାଳ ଜାତି । ମାୟାରୂପେ ହୋଇଅଛି ନୃପତି । ଏମନ୍ତ ଭାବେ ବୁଝିଅଛେ ମନ । ଏ କଥା ସବୁର ମନକୁ ଗଲା । ସଗୃହ କରନ୍ତେ ପ୍ରବେଶ ରାତି । ସମସ୍ତେ ଚଳିଲେ ରାଜାଙ୍କ ଭିତ । ସବୁ ଶୃଗାଳ ଏକମୁଖ ହୋଇ । ବୋବାଇ ଉଠିଲେ ରାଜ ଙ୍କ ଗୃହେଁ । ଶୃଗାଳମାନଙ୍କ ଶବଦ ଶୁଣି । ରାଜାହେଁ ବୋବାଇ ଉଠିଲେ ପୁଣି ॥ ଯେ ଯାହାର ଜାତି ସ୍ୱଭାବମାନ । ପ୍ରକୃତି କେବେହେଁ ନୁହଇ ଆନ । ଯହୁଁ ରବ ଦେଲା ବାଲୁଅ ମତ । ସମସ୍ତେ ବୋଇଲେ ଶୃଗାଳ ଏତ ॥ ମାର୍... ରେ ମାର ଧାଉଁକାରେ ମାର । ଏହୁ ଛାର ରଜା ଆମ୍ଭ ଉପର । ସିଂହ... ଯେ ପାରୁଣେ ବସିଣ ଥିଲା । ଶ୍ରୀମୁଖେ ରୁପୋଡ଼େ ପ୍ରହାର କଲା । ଏତେକେ ତାହାର ଛିଡ଼ିଲା ମୁଣ୍ଡ । ତଳରେ ପଡ଼ିଣ ଲୋଟିଲପିଣ୍ଡ । ଦୀର୍ଘବୁଦ୍ଧି ନାମ ଶୃଗାଳ ମଲା । ଆପଣା ଲୋକ ଦୂର କରିଦେଲା । ତେଣୁକରି ଏ ଯେ ଧର୍ମ ବଗୁର । ଆପଣା ଲୋକକୁ ନ କରି ଦୂର ।

ବାନର ବୋଲ

କନ୍ଦଳ ନାମରେ ଏକ କାନନ । ପଶ୍ଚିମ ଦେଶରେ ଅଛି ସେ ବନ । ସେବନ ଭିତରେ ଏକ ପୋଖରୀ । ଦିବ୍ୟ ଜଳ ତହିଁ ଅଛଇ ପୂରି । ସେ ଜଳ ଭିତରେ କୁମ୍ଭୀର ଘର । ଜନ୍ତୁ ମାରି ନିତ୍ୟ

Digitized by srujanika@gmail.com

ଅହାର ଡାର । ତୃଷାରେ ଯେ ଲୋକ ପାଣିକି ଯାଇ । ତୁଠକୁ ଲଢ ଗ୍ରାହ ତାକୁ ଖାଇ । ବାହୁଡ଼ି ଅଜ୍ଞ ସେ ନ ଯାଏ ବାଟ । ଏ ଅନ୍ତେ ଅଇଲା ଏକ ମର୍କଟ । ତୃଷାର୍ତ୍ତି ହୋଇ ସେ ପାଣିକି ଗଲା । ପିବାର ପଦଣ୍ଡମାନ ଦେଖିଲା । ବାହୁଡ଼ା ପାଦ ନ ଦେଖିଲା କିଛି । ମନେ ମନେ ବସି ବିଗୃହୁ ଅଛି ॥ ପିବାର ଚରଣ ପଡ଼ିଛି ତହିଁ । ଅସିବା ପାଦ ତ କିଛିହିଁ ନାହିଁ । ନିଷ୍ଟୟ ଏ ଜଳ ନୁହଇ ଭଲ । ପଶୁକିମାନଙ୍କ ପ୍ରାଣକୁ ଗଲ । ମୁଁ ଯେବେ ଏଥିରୁ ପିଇବି ପାଣି । ବାହୁଡ଼ି ଅସି ନ ପାରିବି ପୁଣି । ଏମନ୍ତେ ବାନର ସେଠାରୁ ଚଲି । ବାର୍ଜିଶର ନଳ ଗୋଟିଏ ଚଳି । ପୋଖରୀ ତୁଠ ବୃକ୍ଷମୂଳେ ବସି । ପାଣିରେ ବୁଡ଼ାଇ ଅଣିଲା ଶୋଷି ॥ ବୁଦ୍ଧିର ପ୍ରସାଦେ ତୃଷାହିଁ ମଲା । ସେ ବୃକ୍ଷ ଉପରେ ଯେ ଫଳଥିଲା । ପାଚିଲା କେତେ ଯେ ଦଣ୍ଡଇ ଫୁଟି । ତାହାକୁ ଭକ୍ଷିଲା ମର୍କଟ ତୋଟି । ସୁସ୍ଥ ହୋଇ ଫଳଗୁଡ଼ିଏ ଖାଇ । ବୃକ୍ଷ ଉପରେ ଯେ ବସିଣ ଥାଇ । ପଥିକୀମାନଙ୍କୁ ଡାକିଣ ପୁଛି । ବୋଇଲା ଏ ଜଳେ ବିଷ ତ ଅଛି । ତୁମ୍ଭେମାନେ ପାଣି ନ ପିଅ ଅଜ୍ଞ । ବାହୁଡ଼ି ଯାଅ ତ ଜୀବନ ଥାଉ । ମର୍କଟ ମୁଖରୁ ଏସନ ଶୁଣି । କେହି ତୁଠରେ ନ ପିଇଲେ ପାଣି । ଏମନ୍ତେ କେତେଦିନେହେଁକ ଦିନ ଗଲା । କୁମ୍ଭୀର ମନରେ ବିଗୃହ କଲା ॥ ବୋଇଲା ସବଲ ବପୁ ମୋହର । ଯେବେ ମୋ ଅୟୁତ୍ତ ନୁହେ ବାନର ॥ ଏହାକୁ କେମନ୍ତେ ତରିବି ତୋଷ । ଉଗାରପଣେ ଏ ଭାଙ୍ଗିଲା ଗ୍ରାସ । ମିତ୍ରପଣେ ହୋଇ ତୋଷିବି ମନ । ଲକ୍ଷ ଦେବ ପଞ୍ଚ ଦେବଙ୍କ ଧନ । ନବରତ୍ନମାଳା ଗୋଟିଏ ଅଣି । ମର୍କଟକୁ ଗ୍ରାହ ବୋଇଲା ବାଣୀ । ଅହେ ସ୍ୱମଦାର୍ଥୀ ଶୁଣ ଉତ୍ତର । ଅତଠାରୁ ତୁମ୍ଭେ ମିତ୍ର ମୋହର । ନବରତ୍ନମାଳା ଦେଉଛି ତୋତେ । ହେମିତ୍ର ଏବେ ନ ଭଜିବ ମୋତେ । ହେଖିଲା ଶାର୍ଦ୍ଦୂଳ ପ୍ରାପ୍ତିକ ହୋଇ । ଅହାର

Digitized by srujanika@gmail.com

ନ ପାଇ ମରୁଛୁ ମୁହିଁ ॥ ତୁମ୍ଭେ ଏବେ ଶଠ ନ କହ ଅଜ୍ଞ । ପଟୁକ୍ରୀ ଅଇଲେ ଏ ଜଳ ଖାଉ । ଏତେବେଳେ ମୋହର ପୂରିବ ପେଟ । ଭ୍ରମିବ ଏଣିକି ଫେଡ଼ ତୁ କଷ୍ଟ । ଏତେ ବୋଲି ମାଳ ଦେଲେକ ଶୋକେ । ବାନର ଅଣି ତା ମଣ୍ଡିଲେ ବେକେ । ମନେ ତୋଷ ହୋଇ ଅଛଇ ବସି । ଶବର ଗୋଟିଏ ମିଳିଲା ଆସି । ସେଧନ ଯନ୍ତୁ ଯେ ନୋହିଲା ଭେଟ । ବିସ୍ମୟ ମନରେ ପାଉଛି କଷ୍ଟ । ବୃକ୍ଷ ଉପରକୁ ଦେଲାକ ଦୃଷ୍ଟି । ଦେଖିଲା ବୃକ୍ଷରେ ମର୍କଟ ଗୋଟି ॥ ବୋଇଲା ଏହାକୁ ମାଇଲେ ଥିଲ । ତେବେ ସେ ହୋଇବ ମୋହର କାର୍ଯ୍ୟ । ପୁଅ ଭାରଯା ମରୁଥିବେ ଦୁଃଖେ । ଏହାକୁ ନେଇ ସେ ଖାଇବେ ସୁଖେ । ଏତେ ବୋଲି କାଣ୍ଡ ଧନୁରେ ଯୋଖ । ଓଟାଇଲା କର୍ଣ୍ଣଯାଏ ଆସି । ବାନର ବୋଇଲା ନ ମାର ମୋତେ । ଏ ରତ୍ନମାଳା ମୁଁ ଦେଉଛି ତୋତେ । ଏ ଦ୍ରବ୍ୟ ନେଇ ତୋ କୁଟୁମ୍ବ ପୋଷ । ଅକାରଣେ ମୋତେ ନକର ନାଶ । ସାତ ପୁରୁଷକୁ ଝଣ୍ଟିବ ତୋତେ । ଏହା ନେଇ ଅସ୍ମା ରଖ ନିଷ୍ଟିନ୍ତେ । ଏତେ ବୋଲି ମାଳ ଦେଲା ପକାଇ । ଶବର ନେଲା ହରଷ ହୋଇ ॥ ମନେମନେ ପୁଣି ବିଚାର କଲା । ବୋଇଲା ଏ ଭଲ ପଦାର୍ଥ ଦେଲା । ଅପାର ଧନ ଅଛି ଏହା ଠାଇଁ । ଅନ୍ୟ କାଣ୍ଡେ ଦେଖି ଯୋଖିବ ମୁହିଁ । ମର୍କଟ କହିଲା ଜଳରେ ଠନ । ବିଧି ତାଦେଲା ତୁ ନିଅ ବହନ । ଶୁଣିକରି ବ୍ୟାଧ ପଶିଲା ଜଳ । ଧନଲୋଭେ ଶଠ ହୋଇଲା ଭ୍ରଳ । ଥୋକାଏ ଦୂର ଯହୁଁ ଗଲା ପଶି । କୁମ୍ଭୀର ଛଦିଣ ଟେକିଲା ଆସି । ସ୍ୱଭାବେ ତାକୁ ଲାଗୁଥିଲା ଭୋକ । ଜଳରେ ବୁଡ଼ାଇ ମୋଡ଼ିଲା ବେକ । ବିଧାତା ଲିଖନ କେ କରିବ ଆନ । ମର୍କଟ ବୁଦ୍ଧି କଲା ଏତେ ମାନ । ବୁଦ୍ଧି ପ୍ରସାଦେ ଜୀବନକୁ ମାଇଲା । ମିତ୍ରକୁ ଯେ ଏଣେ ସନ୍ତୋଷ କଲା । ତେଣୁ କର ବୁଦ୍ଧି ବିଶେଷ ଗାଢ଼ । ବୁଦ୍ଧି କି ନ

Digitized by srujanika@gmail.com

ଭର ଏପାନ ବଡ଼ ॥ ବାନର ବୋଲି ଏ ହୋଇଲା ଶେଷ ।
ସୁଜନେ ଶୁଣି ମନ କର ତୋଷ ।

ବାଘ ବୋଲି

ବାଘ ନାମ ଜାଳିଆ ମହାବଳ । ଦେଖ ଆଖି ଦିଶଇ ଜଳ ଜଳ । ଲୁହେ ଜାଉଛି ମାଳଏ ପଡ଼ୁଛି । ବାଘ ଦେହେ ଝଙ୍ଗ ଚକ ଦିଶୁଛି । ବାଘ ହାତ ଦିଶଇ ଲମ୍ବ ସାନ । ମୋଟ ଗୋବର୍ଦ୍ଧନକୁ ଚଳ ପୁଣ । ଦେହ ଯାକ ପଟା ପଟା ଦିଶୁଛି । ଜବା ଶିଢ଼ ତା ବଚନ ଗଢ଼ିଛି । ନଖ ଅଙ୍ଗୁଠି ଭୁଷା ମୁନା ପ୍ରାୟେ । ଛାଳ ଗଛ ପ୍ରାୟେ ଗୋଡ଼ ତା ହୋଏ । ବାଘ ଘୁଙ୍ଗୁ ନାଦ କର ଅସୁଛି । ଜବା ଗୋପରେ ପଦ ଶଢ଼ ପଡ଼ୁଛି । ବାଘ ଗୋପରେ ପ୍ରବେଶ ହୋଇଲା । ଏକାସ୍ୱନେ ଦଶ ଗୋଟା ଖାଇଲା । କେହୁ ବୋଲେ ମୋ ଭାଇ ଗଲା କାହିଁ । କେହୁ ବୋଲେ ମୋ ବାପ ଘରେ ନାହିଁ । ବଢ଼ ବାଘ ବୋଲି ପଡ଼େ ହୋବାଳ । ପ୍ରତି ଘରେ ଶୁଭିଲା ହାଲହୁଳ । ଲୋକେ ଅତି ଭୟାତୁର ହୋଇଲେ । ସନ୍ଧ୍ୟାବେଳକୁ କବାଟ କିଲିଲେ । ଚନ୍ଦ୍ରସେଣା ତରୁଣୀ ଘରେ ଥିଲା । ଅତି ଗ୍ରୀଷମ ସହି ନ ପାରିଲା । ମଝି ଅଗଣା ଭିତରେ ବସିଣ । ମନେ ଭାବୁଛି ଅଛି ସେହୁ ପୁଣ । ବାଘ କେମନ୍ତେ ଏଠାକୁ ଅସିବ । ଅସିଲେ ତ ସେ ନେଇ ନ ପାରିବ । ଏହା ଭାବୁଛି ଅଛି ସେ ମନରେ । ବାଘ ଡେଇଁ ପଡ଼ିଲା ଖୁଅନ୍ତରେ । ମାଡ଼ିବସିଲା ସେ ଧୀ ନଣନ୍ଦକୁ । ଗୋଟା ସୁଧା ଗିଳି ଦେଲା ତାହାକୁ । ଶାଶୁ ବୋହୂ ବୋହୂ-ବୋଲି ଡାକଇ । ବାଘ ଖାଇଲା ବୋହୂ ଅଉ ନାହିଁ । ବାଘକୁ ଯେ ଭୟଙ୍କର ଦେଖିଲେ । ଗ୍ରାମଦେବତୀ ଓଷା କରାଇଲେ । ଗ୍ରାମଦେବତୀ ଅଙ୍ଗୀକଲେ ଥରେ । ଯନ୍ତ୍ରାକର ବାଘ ପଡ଼ୁ

Digitized by srujanika@gmail.com

ଉଦ୍ଧିଁରେ ।। ଯନ୍ତ୍ରାମାନ ରଖେଣ ବସାଇଣ । ପୂଜାଙ୍କଲେ ସେ
ଯନ୍ତ୍ରାକୁ ବ୍ରାହ୍ମଣ । ବୋଦା ଚଢ଼ିଲ ଘୋଷା ଶଏ ପୁଣ । ଯନ୍ତ୍ରା
ବସାଇ ଯେ ଗଲେ ବ୍ରାହ୍ମଣ । ବାଘ ପଢ଼ନ୍ତି ସଜ ପାହୁବକୁ ।
ସର୍ବେ ଧାଇଁଲେ ବାଘ ମାରିବାକୁ । ବାଘଗର୍ଜନେ ବ୍ରହ୍ମାଣ୍ଡ
ଭଙ୍ଗୁଛି । ଲକ୍ଷେ ମନ୍ତ୍ରା ଉଦ୍ଧିଁ ଭାଙ୍ଗି ଯାଉଛି । କେହୁ ନଗଲେ
ସେ ବାଘ ପାଖକୁ । ଡାକିଗଲେ ସମସ୍ତେ ଗଧିଆକୁ ।
ଗଧା ଅଇଲେ ବାଘ ଦେଖିବାକୁ । ଯନ୍ତ୍ରା ଦୁଅରେ
ଦେଖିଲେ ବାଘକୁ । ଗଧା ବୋଲନ୍ତି ବାଘ ଶିରୋମଣି । ତୁତ
ଅଇଲୁ ସତ୍ତା ପଣ ଜାଣି । ଯେବେ ମୋ ସତ୍ତାପଣ ଜଣାଯିବ ।
ମୋର ନନ୍ଦ କେମନ୍ତେ ଜୀଇବ । ଏହା ବାଘ ମନେ ଶୁଣିଣ
ସନ୍ତୁ । ବାନ୍ତ କଲ ନନ୍ଦକୁ ତୁରତ । ଯହୁଁ ମଲାର ଜୀଇଲା
ଶୁଣିଲେ । ବାଳବୃଦ୍ଧ ସ୍ତ୍ରୀଆଦ ଧାଇଁଲେ । କେହୁ ବୋଲେ ମୋ
ଘରକୁ ଅସିଲ । ପୁଅ ଶୋଇ ଥିଲା ତଣ୍ଟି ଚପିଲା ।। ଏବେ ତୁମ୍ଭେ
ତାକୁ ଦଅ ଜୀଆଇ । ମୋତେ କିଛୁ ତ ବୁଦ୍ଧି ଦଶୁ ନାହିଁ । କେହ୍ନ
ବୋଲେ ମୋ ବାଚ୍ଛ ବସିଥିଲ । ତାକୁ ମାଡ଼ିବସି ଯାଇଁ ଖାଇଲୁ ।
ଏବେ ତାହାକୁ ଦଅ ଗୋ ଜୀଆଇ । ମୋର ପିଣ୍ଡେ ତ ଅଛି
ପ୍ରାଣ ନାହିଁ । କେହୁ ବୋଲେ ମୋ ଗଳା ବସିଥିଲ । ତାକୁ
ଦଣ୍ଡକରେ ଗିଳିଣ ଦେଲ । ତାଙ୍କ ଘରେ ବାରତା ଦେଇନାହିଁ ।
ଏବେ ତୁମ୍ଭେ ତାକୁ ଦଅ ଜୀଆଇ । ଦଣ୍ଡକରେ ସବୁ ଦେଲ
ଜୀଆଇ । ଅନ୍ଧ ଚକ୍ଷୁ ଦାନ ଯେସନେ ପାଇ । ସେହୁ ପ୍ରକାରେ
ସମସ୍ତେ ଉଠିଲେ । ସର୍ବେ ଅନନ୍ଦ ହୋଇ ଗୃହଗଲେ । ବାଘ
ବୋଲି ସର୍ବ ହୋଇଲ ଶେଷ । ଗୀତେ ଭଣିଲେ ବଳରାମ ଦାସ ।।

Digitized by srujanika@gmail.com

ଶ୍ରୀଛାମୁ ଜଣାଣ

ଅହେ ପତିତପାବନ ! ତୁମ୍ଭ ଛାମୁରେ ଜଣାଣ କରୁଛି ମୋ କଷ୍ଟ ଦେଖ ଅପଣା ହେ । ଦେଖ ! ପତିତପାବନ ମାନଙ୍କ ଉଦ୍ଧାରଣ ବାନା ଅପଣ ବହୁଛ । ଏ ଘୋର ବିପତ୍ତି ପଡ଼ିଅଛି ମୋତେ କାହିଁ ଦୟା ନ କରୁଛ ହେ । ସବୁଙ୍କ ପଛରେ ରହି ଶ୍ରୀଛାମୁରେ ଜଣାଣ କରୁଛି ମୁହିଁ । ଶ୍ରୀ ନୀଳାଚଳରେ ବିଜେ କରିଅଛ ଦାରୁବ୍ରହ୍ମ ରୂପ ହୋଇ ହେ । ଜଗତ ଜନମାନଙ୍କର ନିମିତ୍ତ ଜଗନ୍ନାଥ ନାମ ବହୁ । ଜ୍ୟୋତିରୂପେ ସର୍ବ ଘଟରେ ବିଜୟେ ରୂପ ରେଖ କିଛି ନାହିଁ ହେ । ଗ୍ରାହ ନିବାରଣ ଗଜ ଉଦ୍ଧାରଣ ବାନା ଅପଣ ବହୁଛ । ଦୁର୍ଯୋଧନ ସଭାତଳେ ଦ୍ରୌପଦୀଙ୍କ କୋଟିବସ୍ତ୍ର ଦେଇଅଛ ହେ । ଏମନ୍ତ ମହିମା ପ୍ରକାଶ ଯାହାର ତ୍ରିଭୁବନେ ହୋଇଅଛି । ସେ ପ୍ରଭୁ ମୋଠାରେ ନିର୍ଦ୍ଦୟ ହୋଇଲେ ଦୁଃଖ ଜଳରେ ଭାସୁଛି ହେ । ମୁହିଁ ଅପରାଧୀ ତୁମ୍ଭେ ଦୟାନିଧି ମୋଠାରେ [illegible]ୟା କର । ପତିତ ଅଧମ ଜଣାଣ କରୁଛି ଶୁଣୁ ନାହିଁ ତତପର [illegible]ହ । ପତିତ ଜନମାନଙ୍କର ନିମିତ୍ତ ପତିତପାବନ ବାନା । ସେ ବାନାକୁ ନିନ୍ଦା ନ ହେବ ଯେ ପ୍ରଭୁ ମୋହର ଯେତେ ବେଦନା ହେ । ଘୋର ଅରଣ୍ୟରେ ମୃଗୁଣୀ ଉପରେ ଯେଣୁ ବିପତ୍ତି ପଡ଼ିଲା । ତତକ୍ଷଣେ ଚକ୍ର ପେଷିଲ ଅପଣେ ବ୍ୟାଧମୁଖୁଁ ଉଦ୍ଧରିଲ ହେ । ଗୋପପୁରେ ଜନ୍ମ ହୋଇ ଯେତେ କର୍ମ କଲ ତୁମ୍ଭେ ଭଗବାନ । ବୃକ୍ଷରୂପେ ଥିଲେ ଯାମଳ ଅର୍ଜ୍ଜୁନ ତାଙ୍କୁ କଲ ନିବାରଣ ହେ । ଇନ୍ଦ୍ର ବିବାଦରେ ସେ ଗୋପ ନଗରେ ଛତ୍ର ପ୍ରାୟେ ଗିରି ଟେକିଲ । ସପତଦିନ ଇନ୍ଦ୍ରବୃଷ୍ଟି କରନ୍ତି ସେହ ପୁଣି ଗଲ ହାରି ହେ । ବକଥଣ୍ଟ ଚିରି ଷଣ୍ଢାସୁର ମାରି ବତ୍ସ'ବାଳ ଉଦ୍ଧରିଲ । କାଳିନ୍ଦୀରେ ପଶି କାଳିଦର୍ପ ନାଶି ଅନ୍ୟସ୍ଥାନେ ଠାବ ଦେଲ ହେ । ଏମନ୍ତ କରୁଣା ସମୁଦ୍ର କି ଓ… ହେଲେ

Digitized by srujanika@gmail.com

ପ୍ରଭୁ ମୋହ ପାଇଁ । ଗରୁଡ଼ ପଛରେ ସେହୁ ଜଣାଉଛୁ କର୍ଣ୍ଣକୁ
କା ଶବ୍ଦ ନାହିଁ ହେ । କର୍ଣ୍ଣ କୁହରକୁ ମୂଦଲେ ମୋହର ଗାଢ଼
ବପତ୍ତିକ ଶୁଣି । ଏ ବ୍ରହ୍ମାଣ୍ଡ ମଧ୍ୟେ ତାହାକୁ କହିବ ଅହେ ପ୍ରଭୁ
ଚକ୍ରପାଣି ହେ । ବ୍ରହ୍ମାଣ୍ଡ କରତା ଜଗତର ମାତା ପିତା ଆପଣ
ବୋଲାଅ । ଏ କଳି ଯୁଗରେ ବଉଦ୍ଧ ରୂପରେ ନୀଳାଚଳେ ବିଜେ
ହୁଅ ହେ । ରତ୍ନସିଂହାସନପରେ ବିଜେ କରିଅଛ ତୁମ୍ଭେ
ମହାବାହୁ । ଦୁଃଖଙ୍କଲେ ମୁହିଁ ଭାସି ଯାଉଅଛୁ ତୁମ୍ଭ ପ୍ରାୟେ ପ୍ରଭୁ
ଥାଉଁ ହେ । ଜୟ ଜଗନ୍ନାଥ ଲକ୍ଷ୍ମୀଦେବୀ କାନ୍ତ ଚଞ୍ଚଳା ଯା
ଅଙ୍ଗଛାୟା । ଭୁଞ୍ଜ ଅରତ ନିବାରଣ ନମନ୍ତେ ଶଙ୍ଖ ଚକ୍ର ଅଛ
ଧର ହେ । ଜୟ ତୁ ହରି ନୀଳାଚଳବିହାରୀ କଳ୍ପମୂଳ ଅଧିବାସୀ ।
ମହାପ୍ରଳୟେ ଜଳ ଶୁଦ୍ଧ ବଟଡାଳରେ ବଟପୂଠରେ ବିହର ହେ । ଜୟ
ତୁ ହରି ଜଗତ ମନୋହାରୀ ଶ୍ରୀବୃନ୍ଦାବନବିହାରୀ । ଶୁକ ସନକ
ଜନକ ଋଷିମାନେ ତୁମ୍ଭ ନାମ ଧ୍ୟାନ୍ତ ଧରି ହେ । ଜୟ ଦଇତାରି
ଦଇତନିବାରି ଦୟାନିଧି ନାମ ବହ । ହୃଦପଦ୍ମ ମଧ୍ୟେ କା ବାର୍
ଅଛୁ ବାରେ ମୋତେ ଫେଡ଼ କହେ । ଜୟଦେବ ହରି ଅଚ୍ୟୁତ
ମୁରାରି ଗୋବର୍ଦ୍ଧନ ଗିରିଧାରୀ । ଦ୍ୱାଦଶ ବନରେ ଫେରି ବୁଲି
ଆସେ କଦମ୍ବ ମୂଳ ବିହାରୀ ହେ । ଜୟ ଶ୍ରୀ ଜୟ ଶ୍ରୀ ଗୋପାଳ
ମୂରତି କୃଷ୍ଣବେଶକୁ ଅନାଇ । କଦମ୍ବମୂଳେ ତ୍ରିଭଙ୍ଗ ଛନ୍ଦେ
ଠିଆ ହୋଇ ମୂରଲୀ ବଜାଇ ହେ । ଜୟ ତୁ ମଦନ ଗୋପାଳ
ମୂରତି ମୋହନ ମୁରଲୀ ବାଇ । ସେ ସ୍ୱନରେ ଗୋପେ ସର୍ବ
ଗୋପାଙ୍ଗନାବୃନ୍ଦଧାଇଲେ ହେଲେ ବାଇହେ ॥ ତୁମ୍ଭେମାୟାଧରତୋ
ମାୟାଗୋଚର କରି କେ ପାରିବ ଅବା । ମନ ଆନନ୍ଦରେ ଭକତ
ଭାବରେ ଯେ ଯାହାରେ କଲେ ସେବା ହେ । ଜୟ ତୁ ଗୋବିନ୍ଦ
ପରମଆନନ୍ଦ ଶ୍ରୀଅଚ୍ୟୁତାନନ୍ଦ ହରି । ଯେ ଯେଉଁମନ ଅନୁଗତେ
ଥିବଲେ ତାଙ୍କୁ ସେହୁ ଦୟାକରି ହେ ॥ ଏମନ୍ତ ମହିମା ପ୍ରକାଶ

Digitized by srujanika@gmail.com

ଯାହାର ବିଲ୍ୱବନେ ହୋଇଅଛୁ । ପତିତପାବନ ଅଧମ ଦଶାକୁ ଦେଖି ଅବା ଗଲ ଭୁଲି ହେ ॥ ସେ ଯେଉଁ ମହିମା ସଂସାର ବାରିଧି ସମୁଦ୍ର ସମ ନୁହଇ । ମୋହର କର୍ମ ଦେଖି ଭାବୁଁ ଗଲ ଶୁଣି ମନେ ମନେ ବିଚାରଇ ହେ ॥ ମୋହ ମନେ ପ୍ରତେ ହେଉଛୁ ନିରତେ କରୁଣା ବାରିଧି ହୋଇ । କରୁଣା ନ କର ମହନକୁ ଧରିବାକୁ ମନେ ବିଚାରଇ ହେ ॥ କରୁଣା ନ କର ମନେ ଅବା ଧରି ହୃଦପଦ୍ମେ ବିଚାରୁଛ । ଏ କଳିଯୁଗ ମହିମା ଦେଖି ପ୍ରଭୁ ନିଶ୍ଚିନ୍ତ ହୋଇ ବସିଛ ହେ ॥ ମଉନେ ରହିଲେ ସୁଦୟା ନ କଲ ମୋହ ମନେ ପ୍ରତେ ନାହିଁ । ଏ ଦୁଃଖ ଜଳରେ ଭାସି ଗଲେ ମୁଁ ଯେ ତୁମ୍ଭେ ବସିଛ କିପାଇଁ ହେ ॥ ତୁମ୍ଭେ ତ ପୂର୍ବେ ବିଚାର କରିଅଛ ଭୃତ୍ୟ ଉଦ୍ଧାରଣ ମୁହିଁ । ଅରକ୍ଷଲୋକଙ୍କୁ ରଖିବା ନିମିତ୍ତେ ଶଙ୍ଖ ଚକ୍ର ଅଛ ବହୁ ହେ । ଶଙ୍ଖ ଚକ୍ର ଧର ବେନିଧ୍ୱଜ ତୋଳି ରତ୍ନସିଂହାସନ ପରେ । ସେ ଶଙ୍ଖେ ପୂରିଇ [illegible]କି ଅତୋଳିଲେ ଯଶ ନେଇବେଟି ସଂସାରେ ହେ । ସେହି ସୁଦର୍ଶନ ଚକ୍ରକୁ ବନ୍ଦନ କରୁଅଛୁ ଏବେ ମୁହିଁ । ରଖ ବା ନ ରଖ ଅନ୍ୟନ ଭରସା ଅଜ୍ ମୋର କେହି ନାହିଁ ହେ ॥ ଏକା-ପ୍ରଭୁ ମୁହିଁ କରିଅଛୁ ଆଶା ସୁଦର୍ଶନ ଚକ୍ରକୁ । ଅଧମ ଉଦ୍ଧାର ଭରସା ରଖିଛୁ ମହା ପ୍ରଳୟକାଳକୁ ହେ । ଏ ଦୁଃଖୀ ଉପର ଶୀଘ୍ରେ ଦୟାକର ଅହେ ପତିତପାବନ । ତୁମ୍ଭ ଶ୍ରୀଛାମୁରେ ଜଣାଣ କରୁଛି ମୋ କଷ୍ଟ ଫେଡ଼ ଆପଣ ହେ ।

ସଂସାରବୋଧକ ବୋଲି

ହରିରସ ଛାଡ଼ି ବିଷୟରେ ପଡ଼ି ନ ଜାଣି ହେଉଛୁ ବଣା ।
ଏହି ପଟଳକୁ ମୁକତି ପାଇବୁ ପଦପଦ୍ମେ କର ଠଣା । ୧ ।
ନିର୍ମଳ ଠାବରେ ଅମୃତ ଫଳୁଛି ଦୁରଦେଶ କିପାଁ ଯାଉ । ଖଡ଼-

Digitized by srujanika@gmail.com

ଜୀବ ମୁଖେ ଗଞ୍ଜଣା ପାଇବୁ କୃଷ୍ଣ ନାମ ଘେନୁ ନାହୁଁ । ୨ ।
ପ୍ରକୃତ ତୋତେ ଯେ ଜନଙ୍କା କରନ୍ତି ଏହା ନ ଜାଣୁ ରେ ଭାଇ ।
ଜୀବ ଅସ୍ଥାନେ ତୁ କ୍ଷମକ୍ଷି ପାରିଲେ ହରି ବିନୁ ଅନ ନାହିଁ ।୩।
ସଂସାରର ମାୟା ଅନ୍ଧ ମୋହ ଛେଦ ନ କରୁ ପରମ ସୁଖ । ଗୃହ
ଗହନ ଲତା ମଧ୍ୟେ ଥାଇଣ କାପାଇଁ ପାଉଛୁ ଦୁଃଖ । ୪ । ମାତା
ପିତା ଦାରା ଅବୋଧ ରହୁଛୁ ଜାଣିଥା ତୋତେ ବଇରୀ ।
ଯିବ ବେଳେ ଦାଣ୍ଡେ ବସିଣ ଛାଡିବେ ବେଢ଼ ନୁହନ୍ତି
ଛାଡାରି । ୫ । ପଥିକା ସଙ୍ଗତେ ସଙ୍ଗ ହୋଇଅଛୁ ସବୁ ଦିନେ
ଥିବୁ କିକ । ତନ ପିତୁଳିକ ଛାଉଣି କରିଛୁ ମରିବୁଟ ନ
ଜାଣୁ କି । ୬ । ରହରହ ଦେଖି କୃଷ୍ଣ ନାମ ଅଜ ନ ଧଇଲୁ
ବେଡ଼େ ଭେଳେ । ଗଲାବେଳେ ଜୀବ ନ କହୁ ଯିବଟି କା ଛରିବୁ
ତେତେବେଳେ । ୭ । ଅମୃତରସର ଭାବ ତୁ ନ ଜାଣୁ ଜନ୍ମ ରୁ
ନୋହୁ କପାଇ । ଭକ୍ତ ଭାବକୁ ପ୍ରସନ୍ନ ହୁଅନ୍ତି ଏ ସୁଖ ଘଡ଼ି
ରେ ଭାଇ । ୮ । ଯେଉଁଦିନ ନାମ କୀର୍ତ୍ତନ କରିବୁ ସେ ଦି
ଦୁର୍ଦ୍ଦଶା ଷୟ । ଜନ ଗୁପତଙ୍କ ପାଞ୍ଜିରେ ଲେଖନ କ୍ଷନ୍ତ୍ରେନ୍ତି କ
ଭୟ । ୯ । ଘଟେ ଘଟେ ଦୂର୍ଣ୍ଣିଲିଙ୍ଗ ବୁଝିଛୁ ପ୍ରାଣଲିଙ୍ଗ ଦେବ-
ସଂଜ । ବସି ପୂଣି ହୃଦେ ଦେଖେକ ବସ୍ତୁ ର ସଙ୍ଗ ତଜ ଘେନି
ବଟେ । ୧୦ । ଏକୁ ଅବେକ ଯେ ପ୍ରସନ୍ନ ହୋଇଛନ୍ତି ଦର୍ପଣ
ଛାୟା ଯେସନ । ଜଳପୂର ମଧ୍ୟେ ଯେଣିକି ଗୃହିଁଲେ ତେଣେ
ବିସ୍ତୁ ମୟ ତନ୍ତ୍ର । ୧୧ । ତଳପୂର ମଧ୍ୟେ ଯେତେ ଜୀବଜନ୍ତୁ
ଯମଙ୍କ ନନ୍ଦ କହାଇ । କୃଷ୍ଣଦାସ କହେ କ୍ଷମକ୍ଷି ପାରିଲେ
ହରି ବିନୁ ଅନ୍ୟ ନାହିଁ । ୧୨ । ଭକ୍ତବନ୍ଧୁ ଦୁର୍ଦ୍ଦଶାରୁ ତାରିବେ
ଅଧିକ ମନେ ନ ଭାଳ । ସଂସାର ଭାବ ତୋ ହାଠାରେ କହିବା
ପାରିଲେ ତୁ ପ୍ରତିପାଳ ॥ ସନ୍ଧ୍ୟା କାଳରେ ଭୋଜନ ନ କରିବ
କୋପ ନ ଦେଇ ବିବାଦେ । ନଦୀଗର୍ଭରେ ବୁଡାବୁଡ଼ି ନୋହିବ

Digitized by srujanika@gmail.com

ସ୍ଥଳ ନ ଦେଖି ଅଗାଧେ । ୧୪ । ବଣେଇ ସଙ୍ଗତେ ବିଶ୍ୱାସ ନୋହିବ ଗ୍ରାମକୂଟେ ମନ ଦେଇ । ଶତ୍ରୁ ସଙ୍ଗେ କଳିଦ୍ୱନ୍ଦ୍ୱ ନୋହିବ ପଦ ଯୋଡ଼ିଲେ ଲଜ୍ଜ୍ୟା ପାଇ । ୧୫ । ପୋଥି ଅକ୍ଷର ଚୋରଣୀ ନ କରିବ ଲେଖିବ ବିରଳ ଛାଡ଼ିବ । ଗାଧୁଆ ହୋଇ ଅଙ୍ଗପୋଛଣା ନୋହିବ ଦୃଷ୍ଟି ଥିବ ଠାବେ ଠାବେ । ୧୬ । ଦନ୍ତ ନ ଘଷି ଆହାର ନ କରିବ ସନ୍ଧ୍ୟାରେ କେଶ ନ ବାନ୍ଧି । ଆପଣା ଦେହେ କରତାଳ ନ ମାରି ମଳିନ ବସ୍ତ୍ର ନ ପିନ୍ଧି ।୧୭। ଦୁଃଖ ସୁଖ ଯାହା କର୍ମରେ ପ୍ରାପତ ଅଭିଳାଷ ନ କରି ତାହା । ଜ୍ୟେଷ୍ଠ ଭାଇଙ୍କ ପିତା ପ୍ରାୟ ମଣିବ ଶାସ୍ତ୍ରରେ କହୁଛି ଏହା । ଅନାଥ ପିଣ୍ଡକୁ ସତ୍କାର କରିବ ପ୍ରାଣୀଙ୍କ ଦୁଃଖକୁ ତାରି । ଦୀପ ଲଗାଇ ଅନ୍ଧରେ ନ ଖୁଞ୍ଜିବ ପୋଷିଲା ଜନ୍ତୁ ନ ମାରି । ୧୯ । କୁଳବଧୂ ସଙ୍ଗେ କଳି ନ କରିବ ନ ଲାଗିବ କଥା ହୋଇ । ଦେଖିଲା କଥା ନ ଦେଖିଲା ନ କହୁ ହୃଦରେ କୁଟ ନ ଥୋଇ । [illegible]ଗୈଜ୍ୟକୁ ଯାଇ ଲାଜ ଛାଡ଼ି କହୁ ବେଳ ଜାଣି ହାଟ କରି । [illegible]ଦେଶରେ ଜାଗାର ହୋଇବ ପ୍ରଥମ କୋପ ସମ୍ଭାଳି । ୨୧ । ମଦନ ଋତୁରେ ଅଶୌଚରେ ବିଧବା ନାରୀ ନ ହରି । ବିବାଦ ଭୂମିରେ କ୍ଷଣେ ନ ରହିବ ଯୁଦ୍ଧରେ ଯୋଗ ନ କରି । ୨୨ । ଗୁରୁଚରଣେ ଅହଂକାର ନୋହିବ ବସ୍ତୁ ପ୍ରାପ୍ତେ ବିଚାରିବ । ଦୁର୍ଜନ ଲୋକଙ୍କୁ ବିନୟେ କହିବ ସନ୍ଥ ବୁଦ୍ଧି ଥଇବ । ୨୩ । ହାତ ଗୋଡ଼କୁ ଯେ ପରବତ ନ ଯିବ ବିଚକ୍ଷଣ ତାର ଭାବ । ଧନ ଦେଇ ମିତ୍ର ବଞ୍ଚାଇ କହିଲେ ବିଶ୍ୱାସ ତାକୁ ନ ଯିବ । ୨୦ । ଦେଖି ଖାତକର ପଦ ନ ରଖିବ ଥିଲେ ସାଧିବ ଗୋଳାକୁ । ଭାଇ ସଙ୍ଗତେ କଳିଦ୍ୱନ୍ଦ୍ୱ ନୋହିବ ଭାଗ ଦେଖିବ ସଙ୍ଗାକୁ । ୨୫ । ଗର୍ଭିଣୀ ନାରୀ ଋତୁମାସ ହୋଇଲେ ତା ସଙ୍ଗେ ସଙ୍ଗ ନ କରି । ବାମ ଅଙ୍ଗେ ଅଙ୍ଗ

Digitized by srujanika@gmail.com

ସଙ୍ଗ ହୋଇଲେ ବ୍ରହ୍ମହତ୍ୟା ଦୋଷ ସବ । ୨୬ । ଦୁଃଖୀ ଦେଖିଲେ ଦୂର କରି ନ ଦେବ ଦୁଃଖେ ସମ ଦୁଃଖୀ ହେବ । ଦେଇ ନ ପାରିଲେ ଦଅଇ ପାରିଲେ ଦେଲ ପ୍ରାୟେ ଧର୍ମ ହେବ । ୨୭ । ଅଗ୍ନି ଲଗାଇ ବନସ୍ତ ନ ପୋଡ଼ିବ ଫାନ୍ଦେ ଜନ୍ତୁଙ୍କି ନ ମାରି । ଗୋରୁଙ୍କୁ ଦୁହିଁ ଗୋରୁ ଘୋଡେ ଛାଡ଼ିବ ଘରେ ନ ଦେଖି ବାଛୁରି । ପାଦ ନ ଧୋଇ ଦେବତା ନ ପୂଜିବ ପୂଜିଲେ ସେ ବଡ଼ଦୋଷ । ଅତିଥି ଲୋକଙ୍କୁ ଦ୍ୱାରେ ବସାଇଣ ନ କରିବ ଅନ୍ନଗ୍ରାସ । ୨୯ । ସଂଗ୍ରାମକୁ ଯାଇ ପଛଭର ନୋହି ଆଗଭରେ ଯୁଝୁଥିବ । ଆପଣା ନାମେ ସାହୁଙ୍କୁ ଗୋଟା ଦେଇ ପିତା ମାଣିକୁ ଶୁଝିବ । ୩୦ । ଜନନୀ ଚରଣେ ସୁଟେସ୍ୱା କରିବ ପୁତ୍ରକୁ ପାଠ ପଢ଼ାଇ । ଦୁଇ ଭାର୍ଯ୍ୟା ଏକ କରି ପାଳିବ ନ କରି ଦେଢ଼ି ଅଢ଼ାଇ । ୩୧ । ନ ଜାଣିବା ପନ୍ଥା ବାଟ ନ ଚାଲିବ ଜାଣିବା ଲୋକେ ପଚାରି । ଗୃହ ଭିତରେ ସର୍ପକୁ ନ ରଖିବ ପୁତ୍ର ହୋଇଲେ ସଂହାରି । ୩୨ । ସାମନ୍ତ ସର ଉତ୍ତର ନ ଦେବ ଅଦୋଷେ ଦଣ୍ଡିଲେ ସହୁ । କଳିରେ ମୂର୍ଖ ରଖା ରଖି ହୋଇ ରାଜା ଆଗରେ ନ କହୁ । ୩୩ । ଜଳ ଘାଟରେ ଯେ ଫାନ୍ଦ ନ ଦିଆଇ ଜନ୍ତୁ ନ ମାରି ବିଶ୍ୱାସୀ । ଅସମୟୁ କାଳେ ଆସି ଯେ ମିଳିବ ଭାଙ୍ଗିଲା ବନ୍ଧୁ ଅଭ୍ୟାସି । ୩୪ । ନଦୀ ପୋଖରୀଙ୍କ ସ୍ନାନ କରିଗଲେ ଛୁଠେ ନ ରଖିବ ଧନ । ଦୁଇଜଣ ଗୃହଧନ୍ଦା ନ କରିବ ଦରିଦ୍ରକୁ ଦେବ ଦାନ । ୩୫ । ପର ଭୂମି ଜଳେ ପଶୁର ପଶିବ ତେଇଁ ନ ପଡ଼ ଧସାଇ । ବିନା କାରଣରେ ତୃଣ ନ ଖଣ୍ଡିବ ନଖେ ନ ଚିରିବ ମସ୍ତି । ୩୬ । ପର ସ୍ତ୍ରୀ ସଙ୍ଗତେ ଘାଟି ନ କରିବ ପର ଦ୍ରବ୍ୟେ ନୋହି ସୁଖୀ । । ପାଇଲ ଧନକୁ ଗ୍ରହଣ ନ କରି ପଛେ ହେବ ବଡ଼ ଦୁଃଖୀ । ୩୭ । ମନ୍ଦ

Digitized by srujanika@gmail.com

ଅଢ଼ଷଧି ଶାସ୍ତ୍ରକୁ ଶିଖିଲେ ଗର୍ବେ ନୋହିବ ବଖାଣି । ଭଗ୍ନୀର
ସୂତକୁ ଉଚ୍ଛିଷ୍ଟ ନ ଦେବ ଦେବତା ପଶ୍ଚାତେ ମଣି । ୪୦ ।
ଆପଣାର ଧନ ଦାନ ଧ୍ୟାନ କରି ଦେଲେ ନ କହିବ ପରକୁ ।
କୁଳ ସ୍ତ୍ରିଶ ହୋଇ ଦାଣ୍ଡେ ନ ଗୁଲିବ ଲଜ୍ଜା ହୋଇବ କୁଳକୁ ।
ପର ପୁରୁଷକୁ ଆଶା ନ କରିବ ପରସଙ୍ଗେ ନ ଗୁଲିବ । ପର
ଯାଚିଲା ପଦାର୍ଥ ନ ଖାଇବ ସ୍ୱାମୀକୁ ତାକୁ ବୋଲିବ । ୪୧ ।
ପୂଜ ଦୁହିତା କୁଟୁମ୍ବେ ଅଚ୍ଛାଦବ ପତି ପାଦେ ଦେଇ ଚିତ୍ତ ।
ପରମେଶ୍ୱରଙ୍କୁ ଲୋଚନେ ଦେଖିବ ସ୍ତ୍ରୀ ଜନ୍ମ ହେବ ମୁକତ ।
ପରକୁ ଆପଣା ଦାରିଦ୍ର୍ୟ ନ ଦେବ ପାଇ ନ ଅଣ ସରିକୁ ।
ପରଧନେ ଲଗା କେବେହେଁ ନୋହିବ ପଛେ ଦୁଃଅଇ
ଦେବାକୁ । ୪୨ । ଅଳପ ଅଗ୍ନିଙ୍କ ପରତେ ନ ଯିବ ଆଦ
ଅନ୍ତରୁ ଗୁଣ୍ଟିବ । ଅଳପ ଧନରେ ସାହୁ ନ ଭୁଲାଇ ଉଣ ଶେଷ
ନ ରଖିବ । ୪୩ । ଅବିଶ୍ୱାସୀ ଲୋକ ସଙ୍ଗେ ନ ବସିବ
ସଙ୍ଗ୍ରାମରେ କାହିଁ ମେଳା । ଅଳପ ବୁଦ୍ଧିଙ୍କ ପରତେ ନ ଯିବ ମଳକୁ
ନ କର ଖେଳା । ୪୪ । ବିବାହ କାର୍ଯ୍ୟରେ ମଧ୍ୟସ୍ଥ ନୋହିବ
ବିଟପୀ ସ୍ତ୍ରିଶ ନ ହବ । ବନ୍ଦଣା ବଳଦ ଘରେ ନ ରଖିବ
ନ ଚଢ଼ିବ ନଦୀ ପାରି । ୪୫ । ପରଠାରୁ ପର ଅହଂକାର
ଶୁଣି ତହିଁରେ ନ ଦେବ କର୍ଣ୍ଣ । କର ଘେନି ଦହି ମନ୍ଥି
ନ ଖାଇବ ଯେବେ ହେବ ତୃଷ୍ଣା ଅନ୍ନ । ୪୬ । ଶାସ୍ତ୍ରକୁ
ଶୁଣିଲେ ନିନ୍ଦା ନ କରିବ ନିନ୍ଦିଲେ ପାପ ହୁଅଇ । ଯେଉଁ
ପ୍ରଥମର ଗ୍ରାସ ଖାଇଥିଲେ ତାକୁ ଉଚ୍ଛିଷ୍ଟ ନ ଦେଇ । ୪୭ ।
କୁଳସ୍ତ୍ରୀଙ୍କ ଅନ୍ତଃପୁରେ ନ ଦଣ୍ଡିବ ଦଣ୍ଡିଲେ କେ ତାକୁ ରଖି ।
ବେଦ ବୈଦ୍ୟ ଯେଉଁ ଗ୍ରାମରେ ନ ଥିବ ସେ ଗ୍ରାମ ବେଗେ
ଉପେକ୍ଷି । ୪୮ । ଜଳରେ ଉଚ୍ଛିଷ୍ଟ ଦେବେଁ ନ ପକାଇ
ଉଭା ହୋଇ ଦନ୍ତ ନ ଘଷି । ନବଯୁବା ସ୍ତ୍ରୀଙ୍କ ଗୃହରେ ଗ୍ଲାନି

Digitized by srujanika@gmail.com

ନୋହିବ ସଦା ପ୍ରବାସୀ । ୪୯ । ଖାଇବାକୁ ଯେଉଁ ପଦାର୍ଥ ମିଳିବ ଭୋଃବନ୍ଧଙ୍କୁ ଦେଇ ଖାଇ । ଜାହାଜରେ ଚଢି ବାଣିଜ୍ୟେ ନ ଯିବ ଗଲେ ଯେବେ ଭୟ ପାଇ । ୫୦ । ସୁସଙ୍ଗ ଲୋକକୁ କ୍ଷଣେ ନ ଛାଡ଼ିବ ବଳେ ଦଣ୍ଡେ ଯେବେ ରାଜା । ଘାଟ ଅବୋଇ ଘାଟୁଅଳ ନୋହିବ ପିତୃ ଲୋକେ ହୋନ୍ତି ଅପୂଜା । ନିର୍ଦ୍ଧନ ହୋଇଲେ ସେବା ନ ଛାଡ଼ିବ ପ୍ରଭୁରେ ଦୁଃଖ ଜଣାଇ । ଫୁଟିଲି ଅଲରେ ଜଳକୁ ନ ଦେବ ବସ୍ତ୍ର ଅଙ୍ଗ ନ ଶୁଖାଇ । ୫୨ । ଦାଣ୍ଡ ବଇରାବ ମୁଖ ନ ଗୃହିଁବ ଯେମନ୍ତେ ହେଁ ତାକୁ ମାର । ଅମ୍ବାକୁ ଯେବେ ଅପଘାତ ପଡ଼ିବ ଗୋବ୍ରାହ୍ମଣ ହେଲେ ମାର । ୫୩ । ଗୁରୁଜନଙ୍କୁ ଅଭକ୍ତ ନୋହିବ ବେଭାରରେ ଥିବ ବୁଦ୍ଧି । ଘରର କଥା ଦାଣ୍ଡରେ ନ କହିବ ତେବେ ହେବ ସବୁ ସିଦ୍ଧି । ୫୪ । ଥିଲା ଖାତକକୁ ଅକଟ କରିବ ନ ଥିଲା ବେଳେ ନ ଧର । ଦାକୁଣ୍ଡା ବଳଦ ମୁହଁ ନ ବାନ୍ଧିବ ଅନ୍ଧ ଦେଖିଲେ ଟିକି ଫେର । ୫୫ । ସାନ ସାନ ଲୋକେ ନ ଜାଣି ବୋଇଲେ ତହିଁ ଛଳ ନ କରିବ । ପରପଦାର୍ଥକୁ ପର ଚୋର କଲେ ଦେଖିଲେ ତାହା କହିବ । ୫୬ । ଅଶ୍ୱଥ ବୃକ୍ଷକୁ ଚରଣ ବଢ଼ାଇ କଟିବା ବ ଛାଁ ନ କର । ଉଲଗ୍ନ ହୋଇ ଜଳରେ ନ ପଶିବ ମାତୃ ହରଣରେ ସର । ୫୭ । ଲୋକ ଥିଲା ବେଳେ ସ୍ନାନ ନ ସାଧିବ ସାଧିବ ନିଗମ ଠାବରେ । ଅପଣା ଦେହରେ ଯେଉଁ ବସ୍ତୁ ଥିବ ପରତେ ନ ଯିବ ତାବେ । ୫୮ । ପର ପୁଅକୁ ଅପଣା ନ କରିବ ନିଜପତି ପଦେ ବନ୍ଧୁ । ନିଶି ଦିବସେ ବସି ନାମ ଘୋଷିବ ଅଧରେ ବଚନ କହୁ । ୫୯ । ଜଳକାଣ୍ଡି କର ବେଠି ନ କରାଇ ପ୍ରୀତିଲୋକକୁ ନ ଦଣ୍ଡି । କୁଳ ଦେବତାଙ୍କୁ ଯେ ବିଧି ବିଧାନେ ପୂଜା କର ପୁଷ୍ପେ ମଣ୍ଡି । ୬୦ ।

Digitized by srujanika@gmail.com

କର୍କଟ ବୋଲି

ଚଳିବା କଥା ଏ ସୁଜନେ ଶୁଣ । କର୍କଟ ବୋଲି ଏ କଥା ପ୍ରମାଣ ॥ ବିଦେଶେ ଯାଉଥିଲେ ଯେତେ ଅଛନ୍ତେ । ଏକା ହୋଇ ନଚଳିବେ ନ ଗଳି ବାଟେ ॥ ଧନେ ଯେ କାହାଣ ବନ ଭିତର । ଏକା ହୋଇ ଯାଉଥିଲା ସେ ନର ॥ ତାହାକୁ ଦେଖିଣ କର୍କଟ କହି । ଏକା ହୋଇ ପଥ ନ ଗଳ ଭାଇ ॥ ଜ୍ଞାନ ବୁଦ୍ଧି ତୋର ନାହିଁକି ଅଛି । ନଗର ବନରେ ଏକା ତୁ ଯାଉ ॥ ପଥୁକୀ ବୋଇଲା ଶୁଣ କର୍କଟ । ନାହିଁ ମୋର ବନ୍ଧୁ ବାନ୍ଧବ ଇଷ୍ଟ ॥ ପୁତ୍ର ଦୁହିତା ମୋ ନାହିଁ ସଙ୍ଗତେ । କାହାକୁ ଘେନିଣ ଗଳିବ ପଥେ ॥ କର୍କଟ ବୋଇଲା ମୋତେ ନେଉସି । ପଥକୁ ସଙ୍ଗାତ କରିଣ ଯାସି ॥ ଶୁଣିଣ ପଥୁକୀ ହେଲା ତୋଷ । ବୋଇଲା ତୁ କମଣ୍ଡଳୁରେ ପଶ ॥ ଯେତେ ଦୂର ଗଳୁ ତୋ ସୁଖେ ଚିବୁ । ମିତ୍ର ହୋଇ ମୋର ସଙ୍ଗତେ ଥିବୁ ॥ ଏତେ ବୋଲିଣ କମଣ୍ଡଳୁ ଘେନି । ଚଳିଲେ ପଥୁକୀ କର୍କଟ ବେନି ॥ ଉଦେ ଧନ ସ୍ଥଳ ଯେ ନଗର ସ୍ଥାନ । ତହିଁରେ ପଥିକେ କଲେ ଗମନ ॥ ଖରାରେ ଅରତ ହୋଇ ବିଦେଶୀ । ସ୍ଥଳ ପାଖ ବୃକ୍ଷ ତଳରେ ବସି ॥ କାକ ସର୍ପ ଦୁଇ ମଇତ୍ର ହୋଇ । ସେ ବୃକ୍ଷ ଉପରେ ଅଛନ୍ତି ରହି । ସେ ତରୁ ଶିଖରେ ତାହାଙ୍କ ବାସ । ପଥୁକୀମାନଙ୍କ କରନ୍ତି ନାଶ ॥ ବୃକ୍ଷମୂଳେ ଥିଲା ଯେଉଁ ବିଦେଶୀ । ନିଦ୍ରା ଚାଳିଲା ତା କ୍ଷୁଧାର ଅସି ॥ ପଥ ଶ୍ରାନ୍ତ ହୋଇ ପଡ଼ିଲା ଶୋଇ । କାକ ଡାକଦେଲା ସର୍ପକୁ ଗୁହିଁ ॥ ଭେ ମିତ୍ର ଭୁଞ୍ଜିବା ଉତ୍ତମ ମାଂସ । ପ୍ରବାସୀ ଶୋଇଛି ପାଦେ ତା ଦଂଶ ॥ ଶୁଣିଣ ସର୍ପ ଅଇଲା ବେଗ । ପ୍ରବେଶ ହୋଇଲା ପ୍ରବାସୀ ଅଗେ ॥ ମଥା ପରେ ନେଇ ଲଗାଏ ଦନ୍ତ । ବିଷ ଚଢ଼ିଲା ଦେହେ ଗୁହିଁ ଗୁହିଁ ॥ ନିଦ୍ରାଠାରେ ତାର ଜୀବନ

Digitized by srujanika@gmail.com

ଗଲା । ତାକ ମୁଖ ସର୍ପ ଗୃହ୍ନିଁ ବୋଇଲା । ହେ ମିତ୍ର ହରଲ ପଥିକା ଦର୍ପ । ଅବର ବୋଇଲା ଶୁଣ ତୁ କାକ । ନିର୍ଦ୍ଦୟ ହୋଇଣ ଭୁଞ୍ଜ ତୁ ବସି । ଗର୍ଭ ପ୍ରସରିଣ ସନ୍ତାପ ନହୋସି । ଏତେ ବୋଲି ସର୍ପ ମିତ୍ରକୁ କହୁ । ବୃକ୍ଷ ଉପରେ ସେ ବସିଲା ଯାଇଁ ॥ ଏମନ୍ତ ସମୟେ ଅଇଲା କାକ । ପ୍ରବାସୀ ଉପରେ ବସିଲା ହାକ । ଥଣ୍ଟରେ ଯେ ତାର ଚମ ଟାଣିଲା । ନିଷ୍ଟୁ ମରନ୍ତି ବୋଲି ଜାଣିଲା । ଉମଣ୍ତ୍ରରେ ଯେ କି ଅଛି ଦ୍ରବ୍ୟ । ତାହା ଖାଇ ଅଗ ଟଢାପିବ ଗର୍ଭ । ଥଣ୍ଟ ପୁରାଇ ଦାଣ୍ଡ୍ରନ୍ତେ ତାକ । କର୍କଟ ଜାଣି ତା ପାଖକୁ ବେଗ । ବେନି ଗୋଟି ଦାନ୍ତ ଲଗାଇ ବେଢେ । ଅଟକାଣି ଧଇଣ ଥଣ୍ଟରେ ଯାକେ । କାକ ବୋଇଲା ତୁ ଶୁଣ କର୍କଟ । କିପାଇଁ ମୋହର ଜାକୁଛୁ କଣ୍ଠ । ପଞ୍ଚଭୂତ ଆତ୍ମା ଯାଉଛି ଛାଡ଼ି । ଦାନ୍ତେ ଝୁଟା ମୋତେ ଦଅ ତୁ ଛାଡ଼ି । ମୁଁ ତୋର ଉଗାଡ଼ ନୁହଇ ବାପ । ଅଦୋଷେ ମାଇଲେ ପାଇବୁ ପାପ । କର୍କଟ ବୋଇଲା ଶୁଣରେ ଖଳ । ସର୍ପ ଅଛି ମୋର ମିତ୍ରକୁ ଖାଇ । ତାହାଙ୍କୁ ଅଗ ତୁ ଜୀଅଅ କରା ତେବେ ତୁ ଜୀବନ ପାଇବୁ ପିନା । ପ୍ରଚ୍ଛନ୍ନ ବଚନ ନେ ଏ ଗେଟି । ନୋହିଲେ ଦାଢ଼ରେ କାଟିବି ତଣ୍ଟି । ଶୁଣି ଶ୍ରମୀଭୂତ ହୋଇଲା କାକ । ସର୍ପକୁ ବୋଇଲା ହେ ମିତ୍ର ରଖ ॥ ପ୍ରବାସୀ ଅଙ୍ଗକୁ ବିଷ ତୁ ହର । ନୋହିଲେ ଜୀବନ ଗଲାଟି ମୋର । କାକ ବୋଲି ଶୁଣି ବାହାର ଅହି । ବିଷ ଚୁମ୍ବିଲା ଯାଇ ମୁଖେ ଯାଇଁ । ଭଦ୍ରାନନ୍ଦ ନାମେ ପ୍ରବାସୀ ଯେ ଟି । ସଚେତ ହୋଇଣ ବସିଲା ଉଠି ॥ କର୍କଟ ବୋଇଲା ଶୁଣ ହେ ମିତ୍ର । ସର୍ପ ଦଂଶିଲା ନ ଜାଣି ତୁମ୍ଭେ ତ । ଗଲା ଭିତରେ ଲୁଚିଅଛି ସେ ଟି । ବାଡ଼ଧରି ବେଗେ ପକାଅ ପିଟି । ମୋ ତହୁଁ ଯିବ କି ଏ କାକ ଗାର । ସର୍ପକୁ ଅଗ ତୁ ନନ୍ଦନ

Digitized by srujanika@gmail.com

ମାର । ପଥିକ୍କୁ କର୍କଟ କଥା ଶୁଣିଲା । କରେ ବାଡ଼ିଧରି ବେଗେ ଉଠିଲା । ଗୁଲ ଡକ୍ତୁ ବାଡ଼ି ମାରିଲା ସର୍ପ । କର୍କଟ ହରିଲା କାକର ଦର୍ପ । ଦାଢ଼ରେ କାଟି କେନାଖଣ୍ଡ କଲା । ପିଣ୍ଡରୁ ପ୍ରାଣ ଅନ୍ତରୀକ୍ଷେ ଗଲା । କାକ ସର୍ପ କେଣ ହୋଇଲେ ହତ । ସୁସଙ୍ଗ ଲୋକର ଗୁଣ ଏମନ୍ତ । ତେଣୁକର ପଥେ ନ ଯିବ ଏକା । ସଙ୍ଗେ ଜଣେ ଥିଲେ ପ୍ରାଣକୁ ସଖା ॥ କର୍କଟକୁ ଗୃହୀଁ ବୋଇଲେ ଯୋଗୀ । ଏଠାରୁ ବେଗେ ମିଳ ଚଳିବା ବେଗି । ଯେଉଁଠାରେ ଥିଲେ ଅମ୍ଭାକୁ ଶଲ । ସେଠାରେ ଥିବାର ନୁହଇ ଭଲ । ତୁମ୍ଭେ ଯେ ସଙ୍ଗାତ ରଖିଛ ମୋତେ । ଉତ୍ତମ ସ୍ଥାନରେ ଛାଡ଼ିବ ମୋତେ । ଏତେ ବୋଲି ଯୋଗୀ ଚଳିଲା ବେଗେ । ପ୍ରବେଶ ହୋଇଲା ନଦୀର କୂଳେ । ନଦୀକୂଳେ ନେଇ ପୈଳକୁ ଛାଡ଼ି । ମଣ୍ଡପେ ବସିଲ ଆସନ ମାଡ଼ି । ସାବଧାନେ ଏହା ସୁଜନେ ଶୁଣ । ସୁଜନ ଲୋକର ଏମନ୍ତ ଗୁଣ ।

ହଂସ-ହଂସୁଳୀ ବୋଲ

ହଂସହଂସୁଳୀ ମାନ ସରୋବରରେ । ଜଳେ ବିହରନ୍ତି ଦିବା ନିଶିରେ । କୃଷ୍ଣନାମ ନିରନ୍ତରେ ଜପନ୍ତି । ମୋତି ଆହାର କରଣ କରନ୍ତି । ବାଟେ ଦେଖିଲେ ବୈଷ୍ଣବ ମାନଙ୍କୁ । ଜଳୁ ବହନ ଆସନ୍ତି କୂଳକୁ । ଦଣ୍ଡବତ ହୋଇ ତଳେ ପଡ଼ନ୍ତି । ସାଧୁ ଚରଣ ଧୂଳିରେ ଗଡ଼ନ୍ତି । ପୁଣି ଥଣ୍ଟରେ ଯେ ଜଳ ଆଣନ୍ତି । ସାଧୁ ଚରଣ ଧୋଇଣ ପିଅନ୍ତି । ଦିବ୍ୟ ମୁକ୍ତା ହସ୍ତରେ ଦଅନ୍ତି । କ କ ମନୋହର କରିବ ବୋଲନ୍ତି । ଭକ୍ଷ୍ୟ ଅନ୍ୟ ପଦାର୍ଥ କିଛି ନାହିଁ । ଏହି ପଦାର୍ଥେ ବଞ୍ଚିରୁ ଗୋସାଇଁ । ଏତେବୋଲି ଦଣ୍ଡବତ କରନ୍ତି । ସାଧୁ କଲ୍ୟାଣ କରଣ ଚଳନ୍ତି । ପଛେ ହଂସହଂସୁଳୀ ଚଳାଯାନ୍ତି । ସାଧୁ ଆଜ୍ଞା ଦେଲେ ମାନି ରହନ୍ତି । ପଥ ଅଦୃଶ୍ୟ ଦଣ୍ଡବତ କରି । ପୁଣି

Digitized by srujanika@gmail.com

ଲେଜଟି ଜଳରେ ବୁହର । ଏକ ରାଜାର ପଶ୍ଚିମ ଦେଶରେ । ନେନ ଫୁଟିଗଲା କୁଷ୍ଠ ବ୍ୟାଧିରେ ॥ ବୈଦ୍ୟ ଲଗାଇଲେ ଭଲ ନୋହିଲା । ଏକ ବଇଦ ଆଉଣ ବୋଇଲା । ଏହି କୁଷ୍ଠବ୍ୟାଧି ଭଲ ନୋହିବ । ଏକା କଥାକରେ ଭଲ ହୋଇବ । ମୋତି ଭକ୍ଷଣ ଥିବ ଯେଉଁ ହଂସ । ବ୍ୟାଧି ଯିବ ଖାଇଲେ ତା ମାଉଁସ । ଶୁଣି ସନ୍ତୋଷ ହୋଇଲା ରାଜନ । ଗୁରୁ ବ୍ୟାଧ ବଢ଼େଇଲା ବହନ ॥ ବ୍ୟାଧ ଆଗେ ନୃପ କହେ ବଚନ । ପଛେ ଆଣିବ ସାଧୁ ରୂପ ଧରି । ଆଜ୍ଞା ପ୍ରମାଣେ ବ୍ୟାଧ ଚଳିଗଲା । ଯାଇଁ ମାନ ସରୋବରେ ମିଳିଲା । ହଂସହଂସୁଲୀ ଦେଖିଲା ତୀରରେ । ବସିଛନ୍ତି ନାମ ଧ୍ୟାଇ ଖରେ । ବ୍ୟାଧ ଚିହ୍ନି ଜାଣିଲା ଏହୁ ହଂସ । ବେଗେ ହୋଇଲା ବୈଷ୍ଣବର ବେଶ । ତୋରମାଳା କଣ୍ଠିରେ କଣ୍ଠପୁନ । ମୁଖେ ଜପେ କରଇ ହରିଧ୍ୱନି । ଯତ୍ନେ ତାହାଙ୍କ ପାଖରେ ମିଳିଲା । ବ୍ୟାଧ ବେଗରେ ଗୃହୁଁ ଚଳିଗଲା । ହଂସହଂସୁଲୀ ବ୍ୟାଧକୁ ଦେଖିଲେ । ସାଧୁ ବଳେ କଲେ ବେଳି ବୋଇଲେ । କି ହୋଇଛନ୍ତି ବୈଷ୍ଣବର ବେଶ । ଗଲେ ବୁଝିକି କହିବ ବିନାଶ ଏହାଶୁଣି କହି ହଂସ ବୋଲଇ । ମରଣକୁ ଡରୁଅଛୁ କପାଇ ଦେହ ବହିଲେ ମରଣ ଅବଶ୍ୟ । ବେଶ ଭଅଇଛନ୍ତି ପୀତବାସ । ତୋର ମାଳ ତିଳକରେ ବିଶ୍ୱାସ । କହିଗଲେ ରଖିବେ ପୀତ-ବାସ । ନ ରଖିଲେ ଅମ୍ଭର କିସ ଯାଇ । ପ୍ରଭୁ ବାନାକୁ ଲଜ୍ଜ୍ୟା ହେବ ସେହି । ହଂସହଂସୁଲୀ ତହୁଁ ଚଳି ଗଲେ । ଯାଇଁ ସାଧୁର ଚରଣେ ପଡ଼ିଲେ । ବ୍ୟାଧ ଦେଖି କହି କାନ୍ଦି କାନ୍ଦନ୍ତେ । ହଂସୀ ଗୃହୁଁଣ ବୋଲଇ ତୁରନ୍ତେ । ଅମ୍ଭେ ଜାଣିଲୁ ତୁମ୍ଭର କପଟ । ଏଣୁ କହି ଅପି ହେଲୁ ନିକଟ । ହଂସ ବୋଲଇ ବ୍ୟାଧ ମୁଖ ଗୃହୁଁ । ତୁମ୍ଭେ ଅସିଛ କେଉଁ କାର୍ଯ୍ୟ ପାଇଁ । ବ୍ୟାଧ ବୋଲଇ ଶୁଣ ହଂସ ବୀର । ପେଷିଛନ୍ତି ସେହୁ ରାଜା ଅମ୍ଭର । ଏକ ରାଜାଏ

Digitized by srujanika@gmail.com

ପଶ୍ଚିମ ଦେଶରେ । ନୃପ ପଡ଼ିଗଲା କୁଷ୍ଠ ବ୍ୟାଧିରେ । ବୈଦ୍ୟ ଲଗାଇଲେ ଭଲ ନୋହିଲା । ଏହି ବୈଦ୍ୟ ଥାଇଣ ବୋଇଲା । ସେ କୁଷ୍ଠବ୍ୟାଧି ଭଲ ନୋହିବ । ଏକା କଥା କଲେ ଭଲ ହୋଇବ । ମୋତି ଭକ୍ଷଣ ଥିବ ଯେଉଁ ହଂସ । ରଜା ଖାଇବେ ଯେବେ ତାର ମାଂସ । ଯୋଗେ ମଣ୍ଡଳୁ କହିବି ବିନାଶ । ଏହା କହୁଣି ବ୍ୟାଧ ହସ ହସ । ଏହା ଶୁଣି କରି ହଂସ ବୋଇଲ । ଆମ୍ଭ ବିନାଶେ ବ୍ୟାଧି ଭଲ ହୋଇ । ଆମ୍ଭ ଦୁହିଙ୍କି ବାନ୍ଧି ନେଇ ଯାଅ । ନେଇ ତୁମ୍ଭ ନୃପତି ଆଗେ ଦିଅ । ଆମ୍ଭଙ୍କୁ ଦେଖି ବ୍ୟାଧି ହେବ ଭଲ । କୀର୍ତ୍ତି ପାଇବୁ କର ମୋର ବୋଲ । ଫାଶେ ବାନ୍ଧିଲା ହଂସୁଲୀ ହଂସକୁ । ବ୍ୟାଧ ନେଇଗଲା ରଜା ଛାମୁକୁ । ଦଣ୍ଡ ଭବନେ ପ୍ରବେଶ ହୋଇଲା । ରାଜ ହଂସ ଦେଖି ଚକ୍ଷୁ ପାଇଲା । ବୋଲେ ବଡ଼ ଭକତ ତୁମ୍ଭେ ବେନି । ଦେଖି ସୁଫଳ ହେଲା ନୃପ ବେନି । ରଜା ଆଜ୍ଞା ଦେଲେ ବିନୟ ଭରେ । ସ୍ୱଚ୍ଛନ୍ଦ ହେଉନ୍ତୁ ଏହୁ ପାପୀ ଦରେ । ହଂସ ହଂସୁଲୀ କହିଲେ ...ରେ । କହୁ ନ ପାରୁ ତୁମ୍ଭ ନିକଟରେ । ମାନସରୋବରରେ ...ଯେ ନୀର । ଅତି ନିର୍ମଳ ସ୍ୱାଦୁ ମନୋହର । ତାହା ଦେବ ...ଭ ଆମକୁ ଏଠାରେ । ଝୁରୁ ମରୁ ମିନା ନିରନ୍ତରେ । ହଂସ ହଂସୁଲୀ ତହୁଁ ଚାଲିଗଲେ । ଯାଇଁ ମାନସରୋବରରେ ମିଳିଲେ । ମୋତି ଭକ୍ଷନ୍ତି ଗାଇ ହରିନାମ । ତାଙ୍କ ପାଦପଦ୍ମରେ କରଧ୍ୟାନ ।

ବୈଦେହୀ ଖେଦ

କହନ୍ତି ବଇଦେହୀ ହୃଦୟୁ ଖେଦ । କେଉଁ ଦଇବ ମୋତେ କଲା ବିଚ୍ଛେଦ ଯେ । କି ବୁଦ୍ଧି କରିବି ମୁଁ ଯାଉ ଜୀବନ । କେମନ୍ତେ ଦେଖିବି ମୁଁ ସ୍ୱାମୀ ବଦନ ଯେ । ୧ । ଖଳ ଦଇବ ମୋତେ କଲା ଅନୀତି । ଖଟି ଯେ ଥାନ୍ତେ ପାଶେ ଲକ୍ଷେ ଯୁବତୀ ।

Digitized by srujanika@gmail.com

ଯେ । ଖରା ବରଷା କାନ୍ତ କି କରୁଥିବେ । କ୍ଷୁଧା ଲାଗିଲେ ବନ ଫଳ ଭୁଞ୍ଜିବେ ଯେ । ୨ । ଗହନ ବନେ ଥିବେ କା ମୁଖ ଚାହିଁ । ଗାଢ଼େ ଭିଡ଼ନ୍ତି ମୋତେ ହୃଦେ ଲଗାଇ ଯେ । ଚିତ୍ତ କଥା ସୁମରି ମନେ ବିକଳ । ଗ୍ରୀଷମ କାଳେ ଥିବେ ବୃକ୍ଷ ମୂଳରେ ଯେ । ୩ । ଘୋର ଅନ୍ଧାର ନିଶି ବରଷା କାଳେ । ଘନ ବିଜୁଳି ମାରେ ଏ ମେଘ ମାଳେ ଯେ । ଘଡ଼ ଘଡ଼ିକି ପ୍ରଭୁ ଡରୁଣ ଥିବେ । ଧେନ ଯେ ଲକ୍ଷ୍ମଣଙ୍କ କୋଳେ ବସିବେ ଯେ । ୪ । ଅପାର ଭୁଲୁ- ଥିଲେ ଅରଣ୍ୟ ଘୋଟି । ଆକୁଳ ହେଉଥିବେ ପର୍ବତେ ଉଠି ଯେ । ଅଣୁ ନଥିଲେ ସ୍ନେହ କରି ଅଇଲି । ଅସୁର ଘରେ ଏବେ କଷ୍ଟ ପାଇଲି ଯେ । ୫ । ଗୃହକୁ ପ୍ରାୟେ ପ୍ରଭୁ ହେବେଣି ମୋର ! ଚିତ୍ତେ କି ବିଚାରିବେ ଲକ୍ଷ୍ମଣ ବୀର ଯେ । ଶୁର ଦଗରୁ ଗୃହ ବସିଣ ଥାଇ । ଗୃହ ପ୍ରହରେ ନିଶି ଅନିଦ୍ରା ହୋଇ ଯେ । ୬ । ଛାଡ଼ିଲି ବନବାସ ପ୍ରଭୁଙ୍କ କତି । ଘର କରମେ ମୋର ଏଡ଼େ ବିପତ୍ତି ଯେ । ଘୁଞ୍ଚିବେ ଲକ୍ଷ୍ମଣଙ୍କୁ ଅଯୋଧ୍ୟା ପାଇଁ । ଷଣେ ଛଡ଼ାଛଡ଼ି ହୁଅନ୍ତି ନାହିଁ ଯେ । ୭ । ଜାନୁ ଉପରେ ଯେ ବସାଇ କରି । ଯେତେ ଶୁଣନ୍ତି କହନ୍ତି କୋଦଣ୍ଡ ଧାରୀ ଯେ. ପାଉ ଜୀବନ ସଙ୍ଗି ସେ ଗୁଣ ଗୁଣି । ନୟନେ ନ ଦେଖିବି ଶ୍ରୀମୁଖ ପୁଣି ଯେ । ୮ । ଝାଡ଼ ଭିତରୁ କନ୍ଦମୂଳ ଖାଇବେ । ଝର ଉତ୍ସୁ ପାଣି ପିଇ କଷ୍ଟ ସହିବେ ଯେ । ଝୁରୁ ଯେ ଥିବେ ବସି ବୃକ୍ଷର କତି । ସ୍ୱାମୀଙ୍କି ପଡ଼ିଅଛି ଘୋର ବିପତ୍ତି ଯେ । ୯ । ନିଷ୍ଠେ ଯେ ସ୍ୱାମୀ ମୋତେ ନ ଦେବେ ଭେଟି । ନିର୍ମାକ୍ଷୀ ନାରୀ ମୁହିଁ ଏ ମୋର କଷ୍ଟ ଯେ । ନୟନେ ନ ଦେଖିଲେ ପ୍ରଭୁ ବଦନ । ନିଷ୍ଟେ ନ ରଖିବି ମୋର ଜୀବନ ଯେ । ୧୦ । ଟେକି ଯେ ଧନୁ ମୋତେ ବିଭା ହୋଇଲେ । ଟାଣି ପଟେକ ହେଜ ସରି ନୋହିଲେ ଯେ । ଟାକୁଛି ଆଶା ପ୍ରଭୁ ଆସିବେ ମୋର । ଟଳ ଟଳ ହେଉଛି ମୋହ

Digitized by srujanika@gmail.com

ଶରୀର ଯେ । ୧୧ । ଠାକୁର ଠାକୁରାଣୀ ବଚ୍ଛେଦ ଶୁଣି । ଟିକେ
କଉଶଲ୍ୟା ମନେ ବଡ଼ ଭାଳେଣି ଯେ । ଠୁଳ ସୁନ୍ଦର ରୂପ ପାଇବି
ନାହିଁ । ଟିକେ ଭଜିବି ପଦ୍ମ ଚରଣ ଦୁଇ ଯେ । ୧୨ । ଡ'କନ୍ତି
ଅଗୋ ସୀତା ଲକ୍ଷଣ କାହିଁ । ଡର କି ବନସ୍ତକୁ ମାଡ଼ଇ ନାହିଁ
ଗୋ । ଡକା ଯେ କଲା ମୋତେ ଲକ୍ଷ୍ମଣ ସ୍ୱାର । ଡାଳମ୍ବ ଦଶମାଙ୍କ
କେ ନେଲା ମୋର ଗୋ ୧୩ । ଢୋକୁ ଛେ ଥାଉ ମୋର ଅଙ୍ଗରୁ
ସୁଧା । ତାକେ ଅନଙ୍ଗ ମୋତେ ନ କଲା ବାଧା ଗୋ । ତଳି ଯେ
ଗୃହୁଁ ସଖି ଅପାଙ୍ଗ ଦେଖ । ତାକେ ମୂର୍ଚ୍ଛିଲି ତୋତେ ଋଷି
ନନ୍ଦିନୀ ଗୋ । ୧୪ । ଅସ ତୁ ସୀତା ଅଗୋ ପ୍ରାଣ ଈଶ୍ୱରୀ । ଅଉ
ନ ଯିବା ସଖି ଅଯୋଧ୍ୟା ପୁରୀ ଗୋ । ଅଣିଲି ବହୁତ ମୁଁ କରଣ
ସ୍ନେହ । ଅରଣ୍ୟେ ହରାଇଲି ଜନକ ଝିଅ ଗୋ । । ୧୫ । ତୋହର
ପ୍ରାପ୍ତେ ଦେଖି ନାହିଁ ମୁଁ ନାରୀ । ତୁ ମୋତେ ଲକ୍ଷ୍ମୀ ପ୍ରାପ୍ତ ଦଶୁ
ସୁନ୍ଦରୀ ଗୋ । ତେଜି ଗଜ ପଲଙ୍କ ବନେ ଅଇଲୁ । ତରୁ
ମୂଳରେ ପତ୍ର ପାରି ଶୋଇଲୁ ଗୋ ।୧୬। ଥରେହେଁ ଅଉ ନାହିଁ
[illegible]ଲେ ସୀତା । ଥୋଇଲେ ଜନ୍ମପୁରେ କୈକେୟୀ କଥା
[illegible] । ଥିଲେ ଯେ ରଜା ହୋଇ ଭରତ ବୀର । ଥୋଇଲା ବହୁ
[illegible]ମ ଏ କଷ୍ଟ ମୋର ଗୋ । ୧୭ । ଦୁର୍ଲ୍ଲଭ କନ୍ଦମୂଳ ନ ଖାଉ
ସଖି । ଦନକୁ ଦନ ଥାଉ ଅଗଡ ରଖି ଗୋ । ଦସ୍ୟୁ ଛାଡ଼ିଲା
ମୋତେ ଋଷି ନନ୍ଦିନୀ । ଧନ ବଞ୍ଚିବ ଏବେ କାହାକୁ ଦେଖି
ଗୋ ।୧୮। ଧରଣ ଅଲଙ୍ଘନ କରୁ ତୁ ମୋତେ । ଧରଣୀ ଧର
ସଖୀ ଅଛୁ କେମନ୍ତେ ଗୋ । ଧିକ ନ ଯାଏ କମା ଜୀବନ ମୋର ।
ଧର ତୁ ମୋର ହସ୍ତ ଏ କଷ୍ଟ ତୋର ଗୋ ।୧୯। ନାଥଙ୍କ ଅସ୍ଥା
ମୋର ଅଛୁ କମାଇ । ନିମିଷି ଦେଶାନ୍ତରୀ ହୋଇଲୁ ତୁହୁ
ଗୋ । ନିରାଶ କରି ସଖି ଛାଡ଼ିଲୁ ମୋତେ । ନିଦ୍ଦ'ସୁ' କରି ସଖି
ଗଲୁ କେମନ୍ତେ ଗୋ । ୨୦ । ପାଇବ ଅଉ କାହୁଁ ବାରତା

Digitized by srujanika@gmail.com

ଚୋର । ପଶି ଖୋଜିବୁ ଯେତେ ବନ କନ୍ଦର ଗୋ । ପ୍ରୀତି ତ ଲଗାଇଣ ଛାଡ଼ିଣ ଗଲ । ପଥରେ ମଜାଇଣ ଶିବ ପାତଲ ଗୋ । ଫେର ପଣତ ଧରି ଗୁଲ ଯେ ଥାଉ । ଫୁଟିଣ କସି ମୋତେ କଥା ନ କହୁ ଗୋ । ଫୁଟି ପସୁର ଚୋର ଦର୍ଶିଣ ରଙ୍ଗ । ଫୁଟି ନ ଥାଉ ଚମ୍ପା ପ୍ରାଣେଶ୍ଵର ଅଙ୍ଗ ଗୋ । ୨୨ । ବନ କନ୍ଦରେ ମୁଁ ଗୋ କେତେ ବୁଲିବି । ବୃକ୍ଷ ମୂଳରେ ବସି ଝୁରି ମରିବି ଗୋ । ବିରହ ବାଧା ସର୍ପ ଲଗାଇ ମୋତେ । ବନ କନ୍ଦରୁ ଖୋଜି କେ ନେଲା ତୋତେ ଗୋ । ୨୩ । ଭକତ ବତ୍ସଳ ଯେ ଭୃତ୍ୟଙ୍କ ଧନ । ଭାରିଯା ହଜାଇଣ ଆକୁଳ ମନ ଗୋ । ଭଜିବ ଯାହାକୁ ଯେ ତାହାର ଗତି । ଭାବେ କିଶୋର ମନେ ବଡ଼ ବିପତ୍ତି ଗୋ । ୨୪ । ମନରେ ଚିନ୍ତା କର ଲକ୍ଷ୍ମଣ ବୀର । ମୋତେ କୋପ ନ କର କୋଦଣ୍ଡଧର ହେ । ମନରେ କାହିଁ ପ୍ରଭୁ କରୁଛ ଖେଦ । ମେ ରେ ଜାନକୀ କହେ ଲକ୍ଷ୍ମଣ ଯାଅ ହେ । ୨୫ । ଯେ ଗୁଣ କର କହେ ସୁମିତ୍ରାସୁତ । ଯାଉ ନ ଥିଲ ମୁହିଁ କ କାନ୍ତ ହେ । ଯାହା ବୋଇଲେ ମୋତେ ସୀତା ଜଣ୍ଡିବ ବସିଛ ଦେନା କହିବ ଘର ଯେ । ୨୬ । ରୋଦନ କରି ତ ଲକ୍ଷ୍ମଣ ବୀର । କାହିଁ ରହିଲୁ ମୋର ଏ କଳେବର ହେ । ଋଷି ନନ୍ଦନୀ କେହୁ ନେଲା ଚୋରାଇ । ବିଭାଜଳରେ ଆଉ ଦେଖିବା ନାହିଁ ଯେ । ୨୭ । ଲକ୍ଷ୍ମଣ ବୋଲେ ପ୍ରଭୁ ଖୋଜିବା ବନ । ଲୁଚିଛ ଥିବ କେହୁ ଅଗମ୍ୟ ସ୍ଥାନ ଯେ । ଲୋଡ଼ି ଗହନବନେ ପଶି ଖୋଜିବା । ଲୋଚନେ ନ ଦେଖିଲେ ପ୍ରାଣ ଛାଡ଼ିବା ଯେ । ୨୮ । ବେଗେଣ ବନେ ପ୍ରଭୁ ଗମନ କଲେ । ବନସ୍ତେ ବୁଲି ବୁଲି ସୁଗ୍ରୀ ଭେଟିଲେ ଯେ । ବିଶ୍ଵାସେ ତାଙ୍କଠାରେ କଲେ ପୀରତି । ବୋଇଲେ ବନେ ପଶି ବଡ଼ ବିପତ୍ତି ଯେ । ସୁଗ୍ରୀବର ବହୁତ ବାନର୍ଯ୍ୟୀ ହେଲା । ସକଳ ବାଣ୍ଡି ରାମଚନ୍ଦ୍ର କହିଲ

Digitized by srujanika@gmail.com

ଯେ । ଶୁଣିଣ ଗୃପଧାଗ୍ମ ହେଲେ ଉରସା । ସୁଗ୍ରୀବ ଅଜ୍ଞା ଦେଲେ
କରବ ଗ୍ରଜା ଯେ ।୩୦। ସାବଲେ ଚତୁର୍ମାସ୍ୟା ମାଲ୍ୟବନ୍ତରେ ।
ସୈନ୍ୟବଳ ରହୁଲେ ସୁଗ୍ରୀ ସଙ୍ଗରେ ଯେ । ସମୁଦ୍ର ଡେଇଁ
ହନୁ ଲଙ୍କାକୁ ଗଲ । ସୀତା ବାବତା ଅଣି ଶୀଘ୍ରେଣ ଦେଲ ଯେ ।
ଶୁଣିଣ ଗ୍ରମ ସୁଗ୍ରୀବରକୁ ଗୃହିଁ । ବନ୍ଧ ବାନ୍ଧବା ସୈନ୍ୟ ଅଣାଅ
ଯାଇଁ ଯେ । ସମୁଦ୍ରେ ବନ୍ଧ ବାନ୍ଧ ସୈନ୍ୟ ଅଣିଲେ । ସୁବଳସ୍ୟାଙ୍କ
ଥପି ବଜୟ କଲେ ଯେ । ହନୁ କହବେ ଗ୍ରମ ବାଜୟ କଲେ ।
ହରଷେ ସୁବଳସ୍ୟାଙ୍କ ବଧ୍‌ଲେ ଯେ । ହୃଦରେ କ୍ରୋଧ ହୋଇ
ମୃଛ ସେ କଲେ । ହେଲେ ଗ୍ରବଣାସୁର ଗୋଳ ନାଶିଲେ ଯେ ।
କ୍ଷଣ୍ଡୁ ଦେ ଗ୍ରମସୀତା ଯେନିଣ ଗଲେ । କ୍ଷଣକେ ଅଯୋଧ୍ୟାରେ
ପ୍ରବେଶ କହଲେ ଯେ । କ୍ଷମା କରିବେ ପ୍ରଭୁ ଦୋଷ ମୋ ହର ।
କ୍ଷେମ କରଣାର ଭକ୍ତେ ତାଙ୍କ ପଯ୍ୟର ଯେ । ୩୪ ।

ନବାଙ୍କ ଚରିତ

ଅାଚେ ରଖିବ ନାହିଁ ଏ କାଳ ଥଜ । ଦାଉ ଉପରେ ଯାଚ ବନ୍ଧୁ
ନ୍ତି । ପଦ । କଣିବାକୁ ଠାନ ଗୃହଳ ନ ମିଳେ ଗୃଷ୍ଣି ମାଗିଲେ
ନାହିଁ କରେ ସାହୁ । ଉଲ୍ଲୁଙ୍ଗ ହେତୁ ପଡ଼ିଗଲେ ଜନେ ଯାହୁଁ
ନ ମିଳଲ୍ଲ ମାଣ୍ଡିଅ ଜାଉ । ୧ । ଯେ ଯେଉଁମାନଙ୍କେ ଫନ୍ଦା
ଅଛନ୍ତିଲେ ମଲ ସେ ନାଚ ପାଣି ଦେଉ ଦେଉ । ଫଞ୍ଜି ବଜା
ହୋଇ ପିଞ୍ଜି ହୋଇଗଲେ ତା ପ୍ରାଣ ଗଲ ପଞ୍ଜି ଭ୍ୟାଉ
ଭ୍ୟାଉ । ୨ । ଯେ ଯେଉଁମାନଙ୍କ ଋଣ ଶୁଝିଥିଲେ ମ ଗି ଲେ ଟିପ
ନ ଛୁଇଁଲେ ସେହୁ । ଏ ବରଷ ତୁମ୍ଭେ ଜଞ୍ଜାଳ କହୁଛ ଜଞ୍ଜାଳ
କଲେ ଅମ୍ଭେ ଦେବୁ ନାହିଁ । ୩ । ଯେ ଯେଉଁମାନଙ୍କ ମୂଲ
ଲଗିଥିଲେ ମାଗିଲେ ନାଚ କଲେ ହଉ ହଉ । କଦାନ ବେଳକୁ
ଅତି କୋଧହୋଇ ନାକ ଫୁଲଇ ହେଲେ ବଡ ଗ୍ରଉ । ୪ । ପିବା

Digitized by srujanika@gmail.com

ଅଫିବାକୁ ପାଦ ନ ଚଳିଲା ତା ପ୍ରାଣ ଗଲା ବାଟେ ଯାଇଁ ଯାଇଁ । ମାଆ ଖାଉଥିଲେ ପୁଅ ଗୃହ୍ନଁ ଥାଇ ଜଳୁଛନ୍ତି ଯନ୍ତ୍ରେ ନ ପାଇଲେ ଭାଉ । ୫ । ଗ୍ରାମେ ଗ୍ରାମେ ଉପଦ୍ରବ ପଡ଼ିବାରୁ ସେଥୁ ଶନ୍ୟା ହେଲ ସବ ନ ପାନ୍ତୁ । ଯେ ଯନ୍ତୁଁ ପାଇଲେ ସେ ତନ୍ତୁଁ ଖାଇଲେ ଢ଼ାଇ ଘୁଡ଼ନ୍ତ୍ର ଅଣି ଦେଉଁ ଦେଉଁ । ୬ । ସୁନା ରୂପା ଅବା ପିତ୍ତଳ ଟର୍ଫନ୍ତେ ହାତ ମୂଲ ହେଲେ ତୁଲିବା ଥାଉ । ତଂସା ତମ୍ବାମାନ ମାଟିର ସମାନ ପରୁଛନ୍ତି କେ ତାହାର ଭାଉ । ୭ । ଏକ ମାଣ ଧାନ ହୋଇଲା ପ୍ରଧାନ ଥିଲା ହାତ ନଗଡ଼ ଦ୍ରବ୍ୟ । ଟଙ୍କାକୁ ଏକା ନଗଡ଼ ଦଣବଣ୍ଣା ନେଲେ ନାଠ ନ ନେଲେ ଧାନ ଥାଉ ।୮। ଥିଲା ଜନଙ୍କର ଏମନ୍ତ ଉତ୍ତର ଶୁଣି କହିଥିଆ ଆକୁଳ ଦେହୁ । ବୁଢ଼ିଲା ଚେତନ ହେଲେ ହତଜ୍ଞାନ ଜୀବନ ଗଲା ନଷ୍ଟେ ଗୃହୁଁ ଗୃହୁଁ । ୯ । ଦୀନ ଜାଲାମ୍ବର ପଟ୍ଟନାୟକର ଅନ୍ୟ ଭରସା ନାହିଁ ମହାବାହୁ । ଜୀନାଦ୍ରି ବିହାରୀ ଶୁଣ ମୋ ଗୁହାରି ଦୀନବନ୍ଧୁ ନାମ ସଫଳ ନୋହୁ । ୧୦ ।

ସମାପ୍ତ

ମୁଦ୍ରାକର—ଶ୍ରୀ ଦାଶରଥି ଦାସ, ଦାଶରଥି ପ୍ରେସ, କଟକ-୨

Digitized by srujanika@gmail.com

ବିଜ୍ଞାପନ

ଆମ୍ଭର ଏହି ପୁସ୍ତକାଳୟରେ ପ୍ରାଚୀନ ଓ ନବ୍ୟ କବିବୃନ୍ଦଙ୍କ ରଚିତ କାବ୍ୟ, ନାଟକ, ଜ୍ୟୋତିଷ, ଚିକିତ୍ସା, ଉପନିଷଦ, ପୁରାଣ, ମହାଭାରତ, ରାମାୟଣ, ଗୀତା, ଛାନ୍ଦଗୀତ, ଭଜନ, ଜଣାଣ, ଚଗଡ଼ମାଳ ପ୍ରଭୃତି ଯାବତୀୟ ଓଡ଼ିଆ ପୁସ୍ତକାଦି ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଅର୍ଡର ପଠାଇଲେ ସୁଲଭ ମୂଲ୍ୟରେ ପାଇପାରିବେ । ଅଗ୍ରୀମ ଟ ୨୲ ପଠାଇବେ ।

ନାଡ଼ୀ ପରୀକ୍ଷା ବା ନାଡ଼ୀଲକ୍ଷଣ	ଟ ୦ ୷୶	ଗୃହଚିକିତ୍ସା ୩ୟ	ଟ ୩ ୲
		ପାଚନ ସଂଗ୍ରହ	ଟ ୦ ୷
ଅଭିନବ ବୈଦ୍ୟକାର୍ଣ୍ଣବ ୧ମ, ୨ୟ, ୩ୟ ଓ ୪ର୍ଥ ଭାଗ ଏକତ୍ର	ଟ ୨ ୳	ବୃହତ୍ ଚିକିତ୍ସା ମଞ୍ଜରୀ	ଟ ୩ ୲
		ଠୁଣ୍ଠୁଣୁକ୍ରିଆ	ଟ ୦ ।୷
		ଔଷଧ ସାଗର	ଟ ୦ ।
ଚୂର୍ଣ୍ଣକାର୍ଣ୍ଣବ	ଟ ୦ ।	ମାଧବକର ନିଦାନ	ଟ ୨ ୳
ପର୍ଣ୍ଣାମୃତମୁକ୍ତାବଳୀ	ଟ ୦ ୴	ବାଳତନ୍ତ୍ର ବାଳଚିକିତ୍ସା	ଟ ୧୲
ଗୃହଚିକିତ୍ସା ୧ମ	ଟ ୩ ୳	ମୋଦକାର୍ଣ୍ଣବ	ଟ ୦ ।୷
,, ୨ୟ	ଟ ୩ ୲	ଦ୍ରବ୍ୟଗୁଣ ଅଭିଧାନ	ଟ ୬ ୲

(ମହାତ୍ମା ଶ୍ରୀମଚ୍ଛଙ୍କରଙ୍କ କୃତ)ସଟୀକ ବ୍ରହ୍ମନିରୂପଣ ଗୀତା ଟ ୧ ୲

ସଟୀକ ମୁକ୍ତିଚିନ୍ତାମଣି ,, ଟ ୧ ୴

ବୃହତ୍ ଆଠମାଧ ମୁଷ୍ଟିଯୋଗ ବା ପରୀକ୍ଷିତ ଚୁଟ୍‌କା ଟ ୦ ୴

ବୃହତ୍ ଆସବାରିଷ୍ଟ ସଂଗ୍ରହ ଟ ୦ ୴

ପ୍ରାପ୍ତିସ୍ଥାନ—ଦାଶରଥି ପୁସ୍ତକାଳୟ, ବାଲୁବଜାର-କଟକ

Digitized by srujanika@gmail.com